## ରାଜସ୍ୱ ଆଦାୟରେ ନିଆଳି ତହସିଲର ରେକର୍ଡ

ନିଆଳି,(ଡି.ଏନ୍.ଏ.): ନିଆଳି ତହସିଲ ୨୦୨୦/୨୧ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟରେ ରେକର୍ଡ କରିଥିବା ତହସିଲଦାର ବିଦ୍ୟାଧର ପତି କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନିଆଳି ତହସିଲ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ କୋଟି ୭୮ ଲକ୍ଷ ୭୦ ହଜାର ଟଙ୍କା ରାଜସ୍ୱ ଆଦାୟ ପାଇଁ ଧାର୍ଯ୍ୟ ରହିଥିଲା। ହେଲେ ୩ କୋଟି ୧୬ ଲକ୍ଷ ୪ ହଜାର ୫୭୩ ଟଙ୍କା ଆଦାୟ କରି ନିଆଳି ତହସିଲ ଏହି ରେକର୍ଡ କରିଛି। ଚଳିତବର୍ଷ ରାଜସ୍ୱ ଆଦାୟକୁ ଆହୁରି ବଢ଼ାଇବା ନିମନ୍ତେ ଦୃଷ୍ଟି ଦିଆଯିବ ବୋଲି ପତି କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୟୁଥ ଫର ଭଲ୍ୟୁଣ୍ଟାରୀ ୱାର୍କ ପକ୍ଷରୁ ସୋସିଆଲ ସର୍ଭିସ ଆୱାର୍ଡ ଉତ୍ସବ, ବୁଦ୍ଧ ମନ୍ଦିର ପରିସର, ୟୁନିଟ-୯, ଅପରାହ୍ନ ୫ଟା ୩୦।
- ସଂଭାବନା ଟ୍ରଷ୍ଟ ପକ୍ଷରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟା, ୟୁନିଟ-୨ ପ୍ରାଥମିକ ବିଦ୍ୟାଳୟ, ସନ୍ଧ୍ୟା ୬ଟା।

# ସମ୍ପତ୍ତି ପାଇଁ ମହିଳାଙ୍କୁ ହତ୍ୟା

କଟକ ଅଫିସ, ୨।୪


କାମାକ୍ଷୀ ଭୂୟାଁ (ଫାଇଲ ଫଟୋ)।

■ଛୁରି ଜବତ, ଦିଅର ଅଟକ
■ପୋଲିସ ଓ ସାଇଣ୍ଟିଫିକ ଟିମ୍‌ର ତଦନ୍ତ


ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ୍‌ର ତଦନ୍ତ।

ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଉପରସାହିରେ କାମାକ୍ଷୀ ଭୂୟାଁ ନାମ୍ନୀ ମହିଳାଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସକାଳେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ହତ୍ୟାରେ ବ୍ୟବହୃତ ଛୁରିକୁ ପୋଲିସ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଜମିବାଡି ବିବାଦକୁ ନେଇ କାମାକ୍ଷୀଙ୍କୁ ଦିଅର ମୁନା ଓରଫ ହିମଂଶୁ ମହାନ୍ତି(୪୨) ହତ୍ୟା କରିଥିବା ତାଙ୍କ ଭାଇ ଗୁରୁଡ଼ିଝାଟିଆ ଅଞ୍ଚଳର ଅଜିତ୍ କୁମାର ଭୂୟାଁ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଦଫା ୩୦୨ ଅନୁଯାୟୀ ଏକ ମାମଲା(ନଂ.୧୪୩/୨୧) ରୁଜୁ କରିବା ସହ ମୁନାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇ କାମାକ୍ଷୀଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ପରେ ନିଜ ଭାଗ ଜମିକୁ କାମାକ୍ଷୀ ଅନ୍ୟକାହାକୁ ବିକ୍ରି କରିବା ସନ୍ଦେହରେ ମୁନା ଦୀର୍ଘଦିନ ହେବ ଅସନ୍ତୋଷରେ ରହୁଥିଲେ। ଜମିଜମା ଘଟଣାକୁ ନେଇ ମୁନା କାମାକ୍ଷୀଙ୍କୁ ବାରମ୍ବାର ନିର୍ଯାତନା ଦେଇଆସୁଥିଲେ। ଏପରି କି ସେ ତାଙ୍କୁ ହତ୍ୟା କରିବା ପାଇଁ ୨ ଥର ଉଦ୍ୟମ କରିଛନ୍ତି। ଶୁକ୍ରବାର ଭୋରରେ କାମାକ୍ଷୀ ଠାକୁରପୂଜା କରୁଥିବାବେଳେ ମୁନା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ବେକ, ପେଟ ଓ ମୁଣ୍ଡରେ ଗଭୀର ଆଘାତ ଲାଗି ଅତ୍ୟଧିକ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ କାମାକ୍ଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ୬ ଦଲାଲ ଗିରଫ

ଏସ୍‌ସିବିରୁ ଘରୋଇ ହସ୍ପିଟାଲକୁ ରୋଗୀ ପଠାଉଥିଲେ

କଟକ ଅଫିସ,୨।୪

ଏସ୍‌ସିବି ମେଡିକାଲରୁ ଘରୋଇ ହସ୍ପିଟାଲକୁ ରୋଗୀ ପଠାଉଥିବା ୬ ଜଣ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରିଛି। ସେମାନେ ହେଲେ ମର୍କତନଗର ସେକ୍ଟର-୯ରେ ରହୁଥିବା ବାଙ୍କୀ ଅଞ୍ଚଳର ଜିତେନ୍ଦ୍ରନାଥ ରଣା, ଜଗତ୍‌ପୁର ନିମପୁରର ପ୍ରଦୀପ ନାଏକ, ଅବିନାଶ ବେହେରା, ବଡମ୍ବାର ବଳିଆ ନାଏକ, କିଶନନଗରର ଲିଚୁଆ ଦାସ ଓ ଯାଜପୁର କୋରେଇର ସେକ୍ ସୁଲତାନ। ଏ ନେଇ ମଙ୍ଗଳାବାଗ ଥାନାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି, ଦୂରରୁ ଏସ୍‌ସିବିକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ କମ ଖର୍ଚ୍ଚରେ ସମସ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଅଭିଯୁକ୍ତମାନେ କହି ଘରୋଇ ହସ୍ପିଟାଲ ଓ ନର୍ସିଂହୋମକୁ ପଠାଉଥିଲେ। ବଦଳରେ ନର୍ସିଂହୋମ ମାଲିକଙ୍କଠାରୁ ମୋଟା ଅଙ୍କର କମିଶନ ପାଉଥିଲେ।

## ସ୍ପେଶାଲ ସ୍କ୍ୱାଡ ଚଢ଼ାଉ, ୩ ଗିରଫ

ଭୁବନେଶ୍ୱର/ପୁରୁଣା

ଭୁବନେଶ୍ୱର,୨।୪(ବ୍ୟୁରୋ/ ଡି.ଏନ.ଏ.)

ରାଜଧାନୀର ବିଭିନ୍ନ ଥାନାର ସ୍ପେଶାଲ ସ୍କ୍ୱାଡ ପୋଲିସ ସ୍ୱତନ୍ତ୍ର ଡ୍ରାଇଭ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ଦରଘାବଜାର ଥାନା ତେଲୁଗୁ ବସ୍ତିର ଟି. ଅଜୟ ସାହୁ, ଖୋର୍ଦ୍ଧା ଜିଲା ବେଗୁନିଆ ଗ୍ରାମର ସତ୍ୟଜିତ୍ ପାତ୍ର ଓ ବାଙ୍କୀ ଥାନା ଅନ୍ତର୍ଗତ ଅନ୍ଧାରୁଆ ଗ୍ରାମର ସୁଶାନ୍ତ ବେହେରା। ସେମାନଙ୍କଠାରୁ ୧୨ଟି ମୋବାଇଲ ଜବତ ହୋଇଛି। ଖାରବେଳନଗର ଥାନା ଅଞ୍ଚଳର କବିତା କୁମାର ଶୁକ୍ରବାର ଘରେ ଶୋଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ଘରେ ପଶି ତାଙ୍କ ମୋବାଇଲ ଚୋରି କରି ନେଇଥିଲେ। ଏ ନେଇ ସେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୧୪/୨୧) ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତ ଅଜୟ ସାହୁଙ୍କୁ ଗିରଫ୍ କରି ଚୋରି ମୋବାଇଲ ଜବତ କରିଛି। ସେହିଭଳି ଗଙ୍ଗୁଆ କେନାଲ ନିକଟରେ ସୁବାସ ଚନ୍ଦ୍ର ନାମକ ବ୍ୟକ୍ତିଙ୍କଠାରୁ ୨ ଦୁର୍ବୃତ୍ତ ଲୁହାରଡ୍ ଓ ଛୁରି ଦେଖାଇ ଲୁଟ୍ ଉଦ୍ୟମ କରୁଥିଲେ। ଖବରପାଇ ପାଟ୍ରୋଲିଂ କରୁଥିବା ଲିଙ୍ଗରାଜ ପୋଲିସ ଘଟଣାସ୍ଥଳକୁ ଯାଇ ସତ୍ୟଜିତ ଓ ସୁଶାନ୍ତଙ୍କୁ ଗିରଫ୍ କରିଥିଲା। ତଦନ୍ତ ବେଳେ ତାଙ୍କଠୁ ୧୧ଟି ମୋବାଇଲ ଜବତ କରିଛି। ଏ ନେଇ ପୋଲିସ ନଂ-୯୩/୨୧ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ମାନବିକ ଅଧିକାର ସଚେତନତା କର୍ମଶାଳା

ନରସିଂହପୁର,୨।୪(ସ୍ୱ.ପ୍ର.), ନରସିଂହପୁରସ୍ଥିତ ସାମାଜିକ ଅନୁଷ୍ଠାନ ଗଣତାନ୍ତ୍ରିକ ସୁରକ୍ଷା ଅଧିକାର ସଂଗଠନ ତରଫରୁ ଶୁକ୍ରବାର ମାନବିକ ଅଧିକାର ସମ୍ପର୍କିତ ଏକ ଦିବସୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଆଇନଜୀବୀ ଅଞ୍ଜନ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ମାନବାଧିକାର କର୍ମୀ ଦେବୀରଞ୍ଜନ ଯୋଗଦେଇ ମାନବ ଅଧିକାରରେ ବ୍ୟକ୍ତିର ଭୂମିକା ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧିବାଦୀ କର୍ମୀ ଜ୍ଞାନରଞ୍ଜନ ନାୟକ, ଶିକ୍ଷାବିତ୍ ଦେବରାଜ ସ୍ୱାଇଁ, ସାମାଜିକକର୍ମୀ ସୁଶାନ୍ତ କୁମାର ମହାନ୍ତି, ଖବରଦାତା ନିହାରକୁମାର ଦାସ, ଆଇନଜୀବୀ ଏନ୍.ଦେବକୁମାର ଓ ଖବରଦାତା ସ୍ୱପ୍ନେଶ୍ୱର ମହାଲିକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନରସିଂହପୁର କଲେଜ ଓ କାନପୁର କଲେଜର ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ଆଇନଜୀବୀ ଭରତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ: ବିବିସିସି ଚାମ୍ପିୟନ

ବାଙ୍କୀ,୨।୪ (ସ୍ୱ.ପ୍ର.): ବାଙ୍କୀ ବ୍ଲକ୍ ଅନ୍ତର୍ଗତ କିଆପଲ୍ଲା ଗ୍ରାମରେ ଗୁରୁବାର ରାତ୍ରିକାଳୀନ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ମ୍ୟାଚକୁ ବାଙ୍କୀ କଂଗ୍ରେସର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, କିଆପଲ୍ଲା ପଞ୍ଚାୟତ ସରପଞ୍ଚ ଚକ୍ରଧର ସାହୁ, ବ୍ରହ୍ମପୁରା ପଞ୍ଚାୟତ ସରପଞ୍ଚ ସଞ୍ଜୟ ସାହୁ ଉଦ୍‌ଘାଟନ କରିଥିଲେ। ଫାଇନାଲ୍ ମ୍ୟାଚ ବିବିସିସି(ବାବା ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ)କିଆପଲ୍ଲା ଓ କଡ଼ବ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ବିବିସିସି ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚ ସାହୁ ବିଜେତା ଦଳକୁ ୫୦୦୦ ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୩୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। କରୁଣାକର ପଲେଇ ମ୍ୟାନ୍ ଅଫ ଦି ମ୍ୟାଚ, ତପନ ମୁଦୁଲି ମ୍ୟାନ୍ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ଖବରଦାତା ଅଜୟ ପଣ୍ଡା ଓ ମନୋରଞ୍ଜନ ପଣ୍ଡା ଏଥିରେ ଯୋଗ ଦେଇଥିଲେ।



କଟକ ଯୋବ୍ରାଠାରେ ଶୁକ୍ରବାର ସିଏମ୍‌ସି ପକ୍ଷରୁ ରୋଡ୍ ସୁଇପିଂ ମେଶିନକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ହଟିବ ଭାଇଗିରି, ଭାଙ୍ଗିବ ଅପରାଧ ଚେନ୍

ଭୁବନେଶ୍ୱର, ୨।୪ (ବ୍ୟୁରୋ)

**ଟ୍ୱିନ୍‌ସିଟିରେ ସଙ୍ଗଠିତ ଅପରାଧ ରୋକିବାକୁ ସ୍ପେଶାଲ ଡ୍ରାଇଭ୍**

■୧୫ଦିନରେ ୧୨ ବନ୍ଧୁକ ଜବତ, ଲିଙ୍କ୍ ଖୋଜା ଚାଲିଛି
■କଡ଼ା ନଜରରେ ଧଳସାମନ୍ତ ଓ ଟିଟୋଙ୍କ ଅପରାଧ ସାମ୍ରାଜ୍ୟ

ଭୁବନେଶ୍ୱର-କଟକ ଦ୍ୱୈତନଗରୀରେ ସଙ୍ଗଠିତ ଅପରାଧ ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଣ୍ଟା ଭିଡିଛି କମିଶନରେଟ୍ ପୋଲିସ। କୌଣସି ପରିସ୍ଥିତିରେ ବି ଅସାମାଜିକଙ୍କ ବିରୋଧରେ କୋହଳ ମନୋଭାବ ପୋଷଣ ନ କରି ସେମାନଙ୍କ ଚେନ୍ ଭାଙ୍ଗିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କମିଶନର କହିଛନ୍ତି, ନିଜ ଅଞ୍ଚଳରେ ଭାଇଗିରି ଦେଖାଉଥିବା ଗୁଣ୍ଡାଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯାଉଛି। ଏହାସହ ଅଧିକାଂଶ ପେସାଦାର କ୍ରିମିନାଲ ଜେଲ୍‌ରୁ ଜାମିନରେ ଆସି ପୁଣି ଅପରାଧ ଘଟାଉଛନ୍ତି। ଏମାନଙ୍କୁ ରୋକିବା ପାଇଁ କମିଶନରେଟ୍ ପୋଲିସ ଏକ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରିଛି। ଗତ ୧୫ଦିନରେ ଏଭଳି ପେସାଦାର ଅପରାଧୀଙ୍କଠାରୁ ୧୨ଟି ବନ୍ଧୁକ ଜବତ କରାଯାଇଛି। କଟକ ସହରାଞ୍ଚଳ ପୋଲିସ ୧୧ ଓ ଭୁବନେଶ୍ୱର ସହରାଞ୍ଚଳ ପୋଲିସର ଜଟଣୀ ଥାନା ଗୋଟିଏ ବନ୍ଧୁକ ଜବତ କରିଥିବା ସେ ସୂଚନା ଦେଇଛନ୍ତି। ସୌମେନ୍ଦ୍ର କହିଛନ୍ତି, ଯୋଜନାବଦ୍ଧ ଅପରାଧରେ ଅପରାଧୀମାନେ ଚୋରା ବନ୍ଧୁକ ବ୍ୟବହାର କରୁଛନ୍ତି। ଅପରାଧୀଙ୍କୁ ଧରିବା ପରେ ସେମାନଙ୍କଠାରୁ ଜବତ ବନ୍ଧୁକର ଲିଙ୍କ୍ ଖୋଜାଯାଉଛି। ଏହିପରି ଭାବେ ପୂରା ଚେନ୍‌କୁ ରୋକାଯିବାକୁ ପ୍ରଚେଷ୍ଟା ଚାଲିଛି। କେଉଁଠାରୁ ଚୋରା ବନ୍ଧୁକ ଆସୁଛି, ଏହା ପଛରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେସବୁର ଖୋଳତାଡ କରାଯାଉଛି। ଧଳସାମନ୍ତ ଓ ଟିଟୋ ଭଳି ଗ୍ୟାଙ୍ଗଷ୍ଟର ମାନେ ଜେଲ୍‌ରେ ଥିଲେ ମଧ୍ୟ ସେମାନଙ୍କ ଚେନ୍‌ରେ ଅନ୍ୟ ଯୁବକମାନେ ଗ୍ୟାଙ୍ଗ ଅପରେଟ୍ କରୁଛନ୍ତି। ଏମାନେ ଚୋରା ବନ୍ଧୁକ କାରବାରରେ ମଧ୍ୟ ସାମିଲ ରହୁଛନ୍ତି। ଏ ସମସ୍ତ ନେଟ୍‌ୱର୍କକୁ ଖୋଜାଯାଉଛି।

## ୨୦୫ ନିୟୁତ ଟନ୍ ପଣ୍ୟ ପରିବହନ କରି ନଂ.୧

ଭୁବନେଶ୍ୱର, ୨।୪ (ବ୍ୟୁରୋ)

**ସମସ୍ତ ରେକର୍ଡ ଭାଙ୍ଗିଲା ପୂର୍ବତଟ ରେଳପଥ**

ପୂର୍ବତଟ ରେଳପଥ ୨୦୨୦-୨୧ ଆର୍ଥିକ ବର୍ଷରେ ପଣ୍ୟ ପରିବହନ କ୍ଷେତ୍ରରେ ସମସ୍ତ ରେକର୍ଡ ଭଙ୍ଗ କରିଛି। ସର୍ବାଧିକ ୨୦୫ ନିୟୁତ ଟନ୍ ପଣ୍ୟ ପରିବହନ କରିବାରେ ସକ୍ଷମ ହୋଇଛି। ୨୦୦୨-୦୩ରେ ଅବିଭକ୍ତ ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା କରାଯାଇଥିବା ସର୍ବାଧିକ ପଣ୍ୟ ବୋଝେଇର ପୂର୍ବ ରେକର୍ଡ ୨୦୨.୫୬ ନିୟୁତ ଟନ୍‌କୁ ଅତିକ୍ରମ କରି ଏକ ବିରଳ ରେକର୍ଡ ସୃଷ୍ଟି କରିଛି। ଫଳରେ ପୂର୍ବତଟ ରେଳପଥ କ୍ରମାଗତ ଦ୍ୱିତୀୟଥର ପାଇଁ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇର ମାଇଲଖୁଣ୍ଟ ଅତିକ୍ରମ କରିବାରେ ପ୍ରଥମ ଜୋନ୍ ହୋଇପାରିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦.୯୫ ନିୟୁତ ଟନ ପଣ୍ୟ ପରିବହନର ନିଜ ରେକର୍ଡକୁ ଭଙ୍ଗ କରିଛି। ରେଲ୍‌ୱେ ବୋର୍ଡ ଦ୍ୱାରା ପଣ୍ୟ ପରିବହନ ଲକ୍ଷ୍ୟ ଧାର୍ଯ୍ୟ ୨୦୩.୦୨ ନିୟୁତ ଟନ୍‌କୁ ପୂର୍ବତଟ ରେଳପଥ ସହଜରେ ଅତିକ୍ରମ କରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୨୭.୦୨ ନିୟୁତ ଟନ୍‌ର ଲକ୍ଷ୍ୟ ଧାର୍ଯ୍ୟକୁ ଅତିକ୍ରମ କରି ୧୩୧.୩୭ ନିୟୁତ ଟନ୍ ପଣ୍ୟ ପରିବହନ କରିଛି। ପଣ୍ୟ ପରିବହନ ଓ ବୋଝେଇରେ ଖୋର୍ଦ୍ଧା ରୋଡ୍ ଓ ୱାଲ୍‌ଟିୟର ରେଳମଣ୍ଡଳ ଭାରତୀୟ ରେଳପଥର ସମସ୍ତ ୬୪ ରେଳମଣ୍ଡଳ ମଧ୍ୟରେ ଯଥାକ୍ରମେ ୪ର୍ଥ ଓ ୬ଷ୍ଠ ସ୍ଥାନ ହାସଲ କରିଛନ୍ତି। ଏହି ଆର୍ଥିକ ବର୍ଷରେ ୧୨.୩୭ ନିୟୁତ ଟନ ପଣ୍ୟ ପରିବହନ କରି ସମ୍ବଲପୁର ରେଳମଣ୍ଡଳ ଏହାର ପୂର୍ବ ଶ୍ରେଷ୍ଠ ପଣ୍ୟ ବୋଝେଇ ୧୧.୪୮ ନିୟୁତ ଟନ୍‌କୁ ଅତିକ୍ରମ କରି ପରିବହନରେ ଉନ୍ନତି କରିଛି। ଏହି ପଣ୍ୟ ବୋଝେଇ ଆକଳନ ହାସଲ କରିବାକୁ ପୂର୍ବତଟ ରେଳପଥ ଦୈନିକ ପ୍ରାୟ ୮୪୪୭ ୱାଗନ ତଥା ଦୈନିକ ପ୍ରାୟ ୧୫୪.୮ ରେକ୍/ ଟେନ୍ ବ୍ୟବହାର କରିଛି। ତେବେ ଗତ ମାର୍ଚ୍ଚ ୩୧ରେ ସର୍ବାଧିକ ୨୮୨ ରେକ ପଣ୍ୟ ବୋଝେଇ କରି ଏକ ବିରଳ ରେକର୍ଡ ସୃଷ୍ଟି କରିଛି। ଏହି ସମୟ ମଧ୍ୟରେ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ୧୮୬.୫୧ନିୟୁତ ଟନ୍ ଏବଂ ଦକ୍ଷିଣ ପୂର୍ବ ରେଳପଥ ୧୭୫.୭୯ ନିୟୁତ ଟନ୍ ପଣ୍ୟ ପରିବହନ କରି ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସର୍ବାଧିକ ପଣ୍ୟ ବୋଝେଇ ଜୋନାଲ ରେଳପଥ ହୋଇପାରିଛି। ପୂର୍ବତଟ ରେଳ ଅଧୀନରେ ଥିବା ଶିଳ୍ପ ତଥା ଖଣିଜ ୟୁନିଟ୍‌ଗୁଡିକରେ ତାଲା ଓ କାର୍ଯ୍ୟ ବନ୍ଦ ଏବଂ କମ୍ କର୍ମଜୀବୀ ସତ୍ତ୍ୱେ ମହାପ୍ରବନ୍ଧକ ବିଦ୍ୟା ଭୂଷଣଙ୍କ ନେତୃତ୍ୱ ତଥା ସମସ୍ତ ଅଂଶଗ୍ରହଣକାରୀ ବିଭାଗର ଠିକ ଯୋଗଦାନ ଯୋଗୁ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିବାରେ ପୂର୍ବତଟ ରେଳପଥ ସଫଳ ହୋଇପାରିଛି ବୋଲି କୁହାଯାଇଛି।

## ଓଡ଼ିଶା ମମ୍ ଟ୍ରାଇବ ମାଧ୍ୟମରେ ଉଦ୍ୟୋଗୀ ହେବେ ମହିଳା

କଟକ ଅଫିସ,୨।୪

ଓଡ଼ିଶା ମମ୍ ଟ୍ରାଇବର ଦ୍ୱିତୀୟ ବୈଠକ କଟକ ଚହଟାସ୍ଥିତ ପ୍ରମୋଦ ରିସୋର୍ଟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କୁ ଉଦ୍ୟୋଗୀ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୨୦ ଜଣ ମହିଳା ଯୋଗଦେଇଥିଲେ। ଏହି ବୈଠକରେ ଆୟୋଜକ ନିକୀତା ଭାଉସିଙ୍କା କହିଥିଲେ, ବ୍ୟବସାୟୀ, ଗୃହିଣୀ, ଓ କର୍ମଜୀବୀ ମା' ମାନେ କିପରି ଆଗକୁ ବଢିପାରିବେ ସେ ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟକରୁଛି। ମା' ମାନେ ପରସ୍ପର ସଂସ୍ପର୍ଶରେ ଆସି ଆଗକୁ ବଢିପାରିବେ ଏବଂ ଜଣେ ଅନ୍ୟ ଜଣଙ୍କୁ ସାହାଯ୍ୟ କରିବେ ବୋଲି ଭାଉସିଙ୍କା କହିଥିଲେ। ଅନ୍ୟପକ୍ଷରେ ସଂଯୋଜିକା ମେଘନା ଭାଉସିଙ୍କା କହିଛନ୍ତି, ଓଡ଼ିଶାରେ ଅନେକ ମହିଳା ସ୍ୱାବଲମ୍ବୀ ହୋଇ ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରୁଛନ୍ତି। ସେଗୁଡିକୁ ପ୍ରଦର୍ଶନୀ, ଇଭେଣ୍ଟ ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରାଯାଉଛି। ତେବେ ଏହି ପ୍ଲାଟଫର୍ମ ସେମାନଙ୍କୁ ସେହି ସୁଯୋଗ ଦେବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଭାରତୀୟ ମଜଦୁର ସଂଘର ପ୍ରାଦେଶିକ ଅଧିବେଶନ


ଅଧିବେଶନରେ ଅତିଥିଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨।୪ (ବ୍ୟୁରୋ)

ଭାରତୀୟ ମଜଦୁର ସଂଘ ଓଡିଶା ରାଜ୍ୟ ଶାଖାର ୧୬ତମ ତ୍ରୟବାର୍ଷିକ ପ୍ରାଦେଶିକ ଅଧିବେଶନ ଭୁବନେଶ୍ୱର ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ହିରଣ୍ମୟ ପାଣ୍ଡ୍ୟା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଦେଶରେ ଦେଖା ଦେଉଥିବା ଶ୍ରମିକ ସମସ୍ୟା ଓ ଏହାର ସମାଧାନରେ ମଜଦୁର ସଂଘର ଭୂମିକା ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ସଂଘର କ୍ଷେତ୍ରୀୟ ସଂଗଠକ ସମ୍ପାଦକ ଗଣେଷ ପ୍ରସାଦ ମିଶ୍ରା ଯୋଗଦେଇଥିଲେ। ଏହି ଅବସରରେ କରୋନା କାଳରେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିବା ପ୍ରବାସୀ ଓ ରାଜ୍ୟର ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ପ୍ରସ୍ତାବ ଗ୍ରହଣ କରାଯିବ ସହ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ସବସମ୍ମତିକ୍ରମେ ବୋଲି ସ୍ଥିରୀକୃତ ହୋଇଥିଲା। ସଂଘର ରାଜ୍ୟ ସଭାପତି ଦିଲୀପ କୁମାର ଦାସ ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ରାସ୍ତା ସମ୍ପ୍ରସାରଣ, ମରାମତି ଦାବିରେ ଧାରଣା

ପୁରୁଣା ଭୁବନେଶ୍ୱର,୨।୪(ଡି.ଏନ୍.ଏ.)

ସୁନ୍ଦରପଦା-ଜଟଣୀ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ସହ ମରାମତି ଏବଂ ଟ୍ରାଫିକ ନିୟନ୍ତ୍ରଣ ଦାବିରେ ଶୁକ୍ରବାର ଏକାମ୍ର ଜଟଣୀ ଭାଜପା ପକ୍ଷରୁ ମିଳିତଭାବେ ଧାରଣା ଦିଆଯାଇଥିଲା। ସୁନ୍ଦରପଦା-ଜଟଣୀକୁ ୧୫ମିନିଟର ରାସ୍ତା ହୋଇଥିବା ବେଳେ ୧ଘଣ୍ଟା ଲାଗୁଛି। ଏଥିପ୍ରତି ସରକାର ଧ୍ୟାନ ଦେବାକୁ ଦାବି ହୋଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଭୁବନେଶ୍ୱର ଭାଜପା ଜିଲା ସଭାପତି ବାବୁ ସିଂ କହିଛନ୍ତି। ଏହି ଧାରଣାରେ ଜଟଣୀ ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ମନୋଜ କିଶୋର ନନ୍ଦ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଜଗନ୍ନାଥ ବେହେରା, ଦାମୋଦର ବେହେରା, ଅମରଜ୍ୟୋତି ଜଗଦେବ, ଫିରୋଜ ଖାନ, ସୁନୀଲ ପ୍ରଧାନ, ମନୋଜ ପଶ୍ଚିମକବାଟ, ରଶ୍ମିରଞ୍ଜନ ମହାପାତ୍ର, ସୁଜିତ ସାହୁ, ତୃପ୍ତିମୟୀ ମକଦ୍ଦମ, ସବିତା ପଟ୍ଟନାୟକ, ବନ୍ଦନା କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା କର୍ମୀମାନେ ଧାରଣାରେ ବସିଛନ୍ତି।

## ନିଷ୍ଠାର ସହିତ କାମ କରିବାକୁ ଆହ୍ୱାନ

**କଟକ ଅଫିସ, ୨।୪:** ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, ନିଷ୍ଠା ଓ ତ୍ୟାଗର ସହିତ ଦଳୀୟ କର୍ମୀମାନେ କାମ କଲେ ଦଳୀୟ ସଙ୍ଗଠନ ମଜଭୁତ ହୋଇପାରିବ। ଏହି ଅବସରରେ ବାରବାଟୀ-କଟକ ଯୁବ କଂଗ୍ରେସ ସଭାପତି ସନ୍ତୋଷ ପାତ୍ର, ଚୌଦ୍ୱାର-କଟକ ଯୁବ କଂଗ୍ରେସ ସଭାପତି ରଞ୍ଜନ ରାଉତ ଓ କଟକ ସଦର ଯୁବ କଂଗ୍ରେସ କମିଟି ସଭାପତି ଜନାର୍ଦ୍ଦନ ପରିଡାଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, ବିଶ୍ୱଜିତ୍ ଦାସ, ମହମ୍ମଦ ଅଲିମ, ଲୀଳାବତୀ ସାହୁ, ଏନ୍. ନୀଳାଦ୍ରି ରାଓ, ମାନସ ପରିଡ଼ା, ଅମ୍ରିତା ଦାସ, ସତ୍ୟାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ନ୍ୟାୟ ଦାବିରେ ଥାନାରେ ବସିଲେ ବୋହୂ

ବାଙ୍କୀ,୨।୪(ସ୍ୱ.ପ୍ର./ବି.ପ୍ର.)



ବାଙ୍କୀ ଥାନା ଆଗରେ ସାଗରିକା ଓ ତାଙ୍କ ପରିବାର ଲୋକେ ।

**ଯୌତୁକ ନିର୍ଯାତନା ଅଭିଯୋଗ**

ବାଙ୍କୀ ଥାନା ଅଧୀନ ଅନୁୟାରୀ ପଞ୍ଚାୟତର ଗୋପ ଗ୍ରାମରେ ଅଧିକ ଯୌତୁକ ଦାବିକରି ଶ୍ୱଶୁର ଘର ଲୋକେ ବୋହୂକୁ ନିର୍ଯାତନା ଦେଉଥିଲେ। ଏନେଇ ବୋହୂ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ନ୍ୟାୟ ପ୍ରଦାନ ଦାବିରେ ସେ ଓ ତାଙ୍କ ପରିବାର ଲୋକେ ଥାନା ସମ୍ମୁଖରେ ବସି ରହିଥିଲେ। ସମ୍ପୃକ୍ତ ମହିଳା ଜଣକ ହେଲେ ଭୁବନେଶ୍ୱର ଡୁମୁଡୁମାସ୍ଥିତ ରଘୁନାଥ ନଗରର ନରେଶ କମଳଙ୍କ ଝିଅ ସାଗରିକା ମହାପାତ୍ର। ଅଭିଯୋଗ ଅନୁଯାୟୀ, ସେ ୪ ବର୍ଷ ତଳେ ଗୋପ ଗ୍ରାମରେ ବିବାହ କରିଥିଲେ। ଏହି ସମୟରେ କନ୍ୟା ଘର ପକ୍ଷରୁ ଆବଶ୍ୟକ ଅନୁସାରେ ଯୌତୁକ ଦିଆଯାଇଥିଲା ମାତ୍ର ବିବାହ ପରେ ସ୍ୱାମୀଙ୍କ ସମେତ ଶ୍ୱଶୁର ଘର ଲୋକେ ଅଧିକ ୧ ଲକ୍ଷ ଟଙ୍କା ଯୌତୁକ ଦାବି କରି ସାଗରିକାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଗୁରୁବାର ରାତିରେ ତାଙ୍କ ମୁହଁରେ ତକିଆ ଦେଇ ମାରିଦେବାକୁ ଉଦ୍ୟମ କରାଯାଇଥିଲା। କୌଶଳକ୍ରମେ ସେ ଖସିଯାଇ ବାପଘର ଲୋକଙ୍କୁ ଖବର ଦେଇଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହାପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଖବର ଲେଖାହେବାବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

**ସମାଜର ବିକାଶରେ ସାମିଲ ହୁଅନ୍ତୁ ଖବରଦାତା**

ଚୌଦ୍ୱାର,(ଡି.ଏନ୍.ଏ.): ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବା ଓ ସମାଜର ବିକାଶରେ ସାମିଲ ହେବାପାଇଁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଖବରଦାତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଚୌଦ୍ୱାରସ୍ଥିତ ପୌର ଟାଉନହଲରେ ୱେବ୍ ଚ୍ୟାନେଲ ଉତ୍କଳ ନ୍ୟୁଜ୍‌ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ ଏହା କହିଥିଲେ। ଚ୍ୟାନେଲ ମୁଖ୍ୟ ସୁନୀତା ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ, ହାନ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଟେଟ୍ରାହେଡେନ୍ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ତ୍ରିଦେବ ବେହେରା, ପୂର୍ବତନ କାଉନସିଲର ବିଷ୍ଣୁ ଚରଣ ପରିଡ଼ା, ବିଧାୟକଙ୍କ ପ୍ରତିନିଧି ସେକ୍ ସାହାଜାନ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**ସଂକ୍ଷେପରେ**

## କୋଲକାତାରେ ଓଡ଼ିଶା ଦିବସ

**ଭୁବନେଶ୍ୱର,୨।୪(ବ୍ୟୁରୋ):** କୋଲକାତାର ନ୍ୟାଶନାଲ ଲାଇବ୍ରେରି ଭାଷାଭବନଠାରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଉତ୍କଳୀୟ ମିଳିତ ମଞ୍ଚ ପକ୍ଷରୁ ଉତ୍କଳ ଦିବସ ସମାରୋହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଓଡ଼ଶାରେ ଜନ୍ମ ହୋଇ ପଶ୍ଚିମବଙ୍ଗକୁ କର୍ମଭୂମି ଭାବେ ଗ୍ରହଣ କରି ଓଡ଼ିଆ ଭଉଣୀଭାଇମାନେ ମାତୃଭୂମି ଓ ମାତୃଭାଷାର ପ୍ରଚାର, ପ୍ରସାର ପାଇଁ ଯେଉଁ ଉଦ୍ୟମ ଜାରି ରଖିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ ବୋଲି କହିଥିଲେ। ମଞ୍ଚର ସଭାପତି ରବିନାରାୟଣ ମହାପାତ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଉସିଂ ବୋର୍ଡ ଚେୟାରମ୍ୟାନ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସୂଚନା କମିଶନର ଦିଲୀପ ବିଶୋୟୀ, କୋଲକାତାର ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଅନୁଷ୍ଠାନର ସମ୍ପାଦକ ବିଜୟ ବାରିକ, ମିଳିତ ମଞ୍ଚର ଶିକ୍ଷା ସେଲର ଆବାହକ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ମିଶ୍ର କୋଲକାତା ଓଡ଼ିଆ ସଂଗଠନ ସମୂହର ମୁଖପତ୍ର 'ଉତ୍କୃଷ୍ଟ ୨୦୨୧' ଉନ୍ମୋଚନ କରିଥିଲେ। ସେହିପରି ପୂର୍ବରୁ ୨୧ଟି ଶିକ୍ଷାନୁଷ୍ଠାନରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଳକା କାନୁନ୍‌ଗୋଙ୍କ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶା ଦିବସ ଅବସରରେ ସକାଳେ ଲେନିନ୍ ସରଣୀଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ୧୨ରୁ ବିଷୁବ ମିଳନ ଉତ୍ସବ

**କଟକ ଅଫିସ, ୨।୪:** ପ୍ରଜାତନ୍ତ୍ର ପ୍ରଚାର ସମିତିର ୭୨ତମ ବିଷୁବ ମିଳନ ଉତ୍ସବ ବିଷୁବ ମଣ୍ଡପରେ ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ଗତବର୍ଷ କରୋନା ଯୋଗୁ ବିଷୁବ ମିଳନ ଅନୁଷ୍ଠିତ ହୋଇପାରି ନ ଥିବାରୁ ୧୪ ତାରିଖ ଉଦ୍‌ଯାପନୀ ଉତ୍ସବରେ ଏକ ସଙ୍ଗରେ ୨୦୨୦ ଓ ୨୦୨୧ ବର୍ଷ ନିମନ୍ତେ କୃତିବିତମାନଙ୍କୁ ସମ୍ମାନ ଦିଆଯିବ। ୨୦୨୦ ଲାଗି ପ୍ରାବନ୍ଧିକ ହରପ୍ରସାଦ ଦାସ ଓ ୨୦୨୧ ନିମନ୍ତେ କବି ଅମରେଶ ପଟ୍ଟନାୟକ ବିଷୁବ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସେହିପରି ୨୦୨୦ ନିମନ୍ତେ ପ୍ରବନ୍ଧ ଓ ସାହିତ୍ୟ ସମାଲୋଚନା ପାଇଁ ଡ. କୈଳାଶ ଚନ୍ଦ୍ର ଦାଶ, କବିତା ଲାଗି ହୃଦାନନ୍ଦ ପାଣିଗ୍ରାହୀ, ଗଳ୍ପ ନିମନ୍ତେ ପ୍ରଭାତ ମହାପାତ୍ରଙ୍କୁ ଓ ୨୦୨୧ ସମାଲୋଚନା ନିମନ୍ତେ କୁମୁଦ ରଞ୍ଜନ ପାଣିଗ୍ରାହୀ, କବିତା ଲାଗି ଶ୍ରୀକୁମାର ହସନ ମନୋନୀତ ହୋଇଛନ୍ତି। ସେହିପରି ୨୦୨୦ ନିମନ୍ତେ ଅନୁବାଦ ସାହିତ୍ୟ କ୍ଷେତ୍ରରେ କନକ ମଞ୍ଜରୀ ସାହୁ ଓ ୨୦୨୧ ପାଇଁ ଲିଙ୍ଗରାଜ ମହାନ୍ତିଙ୍କୁ ଝଙ୍କାର ଅନୁବାଦ-ଭାରତୀ ପୁରସ୍କାର ପ୍ରଦାନ କରାଯିବ। ୨୦୨୦ ଝଙ୍କାର ଲଳିତନିବନ୍ଧ ପୁରସ୍କାର ପାଇଁ ଡ. ଭାଗ୍ୟଲିପି ମଲ୍ଲ ଓ ୨୦୨୧ ନିମନ୍ତେ ବୈଷ୍ଣବ ଚରଣ ମହାନ୍ତି ମନୋନୀତ ହୋଇଛନ୍ତି । ହରିହର ମହାପାତ୍ର ସ୍ମାରକୀ ନାଟ୍ୟସାହିତ୍ୟ ପୁରସ୍କାର ୨୦୨୦ ବର୍ଷ ଲାଗି ନାଟ୍ୟକାର ବିରାଜ ମୋହନ ଦାସ ଓ ୨୦୨୧ ନିମନ୍ତେ ନାଟ୍ୟକାର ଦିଲୀପ ବେହେରାଙ୍କୁ ମନୋନୀତ କରାଯାଇଥିବା ସମିତି ଅଧକ୍ଷ ଭର୍ତ୍ତୃହରି ମହତାବ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# କଟକଣାରେ ପାଳିତ ହେଲା ଗୁଡ୍ ଫ୍ରାଇଡେ'




ସତ୍ୟନଗର ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ କ୍ୟାଣ୍ଡେଲ ଜାଳିବା ସହ ପ୍ରଭୁ ଯିଶୁଙ୍କୁ ଭକ୍ତି ନିବେଦନ ଜଣାଉଛନ୍ତି।

## ଅନଲାଇନ୍‌ରେ ପ୍ରାର୍ଥନା କଲେ ଶ୍ରଦ୍ଧାଳୁ

**ଭୁବନେଶ୍ୱର, ୨।୪(ବ୍ୟୁରୋ)**

ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ପ୍ରମୁଖ ପର୍ବ ଗୁଡ୍ ଫ୍ରାଇଡେ' ଚଳିତ ବର୍ଷ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଛି। ସରକାରଙ୍କ ଗାଇଡ୍‌ଲାଇନ୍‌କୁ ମାନି ଭୁବନେଶ୍ୱରର କ୍ୟାଥଲିକ୍ ଚର୍ଚ୍ଚରେ ବିଶେଷ ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ସମାଗମକୁ ଏଡାଇବା ପାଇଁ 'କ୍ରୁଶପଥ' ଉପାସନାକୁ ୪ଟିଭାଗରେ ବିଭକ୍ତ କରାଯାଇଥିଲା। ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଏହି ଉପାସନାକୁ ଇଂଲିଶ ଭାଷାରେ ପଠନ କରାଯାଇଥିଲା। ସେହିପରି ୮ଟାରୁ ୯ଟା ହିନ୍ଦୀ, ୯ଟାରୁ ୧୦ଟା ମାଲୟାଲମ୍ ଓ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ପଠନ କରାଯାଇଥିଲା। ସେହିଭଳି ଅପରାହ୍ନ ୪ଟାରେ କ୍ରୁଶ ସମ୍ମାନ ନିମନ୍ତେ ହେବାକୁ ଥିବା ପ୍ରାର୍ଥନାରେ କେବଳ ଚର୍ଚ୍ଚର ଫାଦର ଓ ସିଷ୍ଟରମାନେ ଯୋଗଦେଇଥିଲେ। ଏହି ସମୟରେ ବାଇବେଲ ପଠନ, ଧ୍ୟାନ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରାଯାଇଥିଲା। ଏଥିସହ ଗୁଡ୍ ଫ୍ରାଇଡେ'ର ସମସ୍ତ କାର୍ଯ୍ୟକ୍ରମକୁ ଅନ୍‌ଲାଇନ ମାଧ୍ୟମରେ ଲାଇଭ୍ କରାଯାଇଥିଲା। ଘରେ ରହି ଶ୍ରଦ୍ଧାଳୁମାନେ ଉପାସନା କରିପାରିଥିଲେ ବୋଲି ଚର୍ଚ୍ଚ ମୁଖ୍ୟ ପ୍ରସନ୍ନ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ବନ୍ଦ ରହିଲା ୟୁନିୟନ ଚର୍ଚ୍ଚ

ରାଜଧାନୀର ଅନ୍ୟତମ ୟୁନିୟନ ଚର୍ଚ୍ଚରେ ଗୁଡ୍ ଫ୍ରାଇଡେ' କାର୍ଯ୍ୟକ୍ରମ ଫିକା ପଡ଼ିଥିଲା। ଏକ ସମୟରେ ସମସ୍ତ ଶ୍ରଦ୍ଧାଳୁ ଏକାଠି ହୋଇ ଉପାସନା କରିବାର ନିୟମ ରହିଛି। ଅଧିକ ସମାଗମ ପାଇଁ ସରକାର ବାରଣ କରିଥିବାରୁ ଏହାକୁ ସମ୍ମାନ ଜଣାଇ ଚର୍ଚ୍ଚକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିବା ଚର୍ଚ୍ଚର ସେକ୍ରେଟାରି ପରେଶ ଦାସ ସୂଚନା ଦେଇଛନ୍ତି। ତେବେ ଲୋକଙ୍କ ଶ୍ରଦ୍ଧା ଭାବନାକୁ ଦୃଷ୍ଟିରେ ରଖି ଅନ୍‌ଲାଇନ ମାଧ୍ୟମରେ ସୋସିଆଲ୍ ମିଡିଆରେ ଉପାସନାର ପ୍ରସାରଣ କରାଯାଇଥିଲା। ଏନେଇ ପୂର୍ବରୁ ସମସ୍ତ ରୀତିନୀତି ରେକର୍ଡ କରି ରଖାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଇଂଲିଶ ଭାଷାରେ ଓ ଅପରାହ୍ନ ୪ଟାରେ ଓଡ଼ିଆରେ ପ୍ରାର୍ଥନାକୁ ଅପ୍‌ଲୋଡ କରାଯାଇଥିଲା। ଗତ ୨୦୨୦ ମାର୍ଚ୍ଚ ୨୨ରୁ ଚର୍ଚ୍ଚ ବନ୍ଦ ରହିଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସୋସିଆଲ୍ ମିଡିଆ ମାଧ୍ୟମରେ ଶ୍ରଦ୍ଧାଳୁଙ୍କ ପାଖରେ ପହଞ୍ଚାଯାଉଥିଲା। ଫେବୃୟାରୀ ୭ରୁ ଚର୍ଚ୍ଚ ଖୋଲିଥିଲା। ହେଲେ ଗୁଡ୍ ଫ୍ରାଇଡେ'କୁ ନେଇ କଟକଣା ଜାରି ହେବା ପରେ ଶୁକ୍ରବାର ଚର୍ଚ୍ଚ ବନ୍ଦ ରଖାଯାଇଥିଲା।







## 'ନମାମି ନମାମି ନମାମି ଉତ୍କଳ ଜନନୀ' ଗୀତରେ ଓଡ଼ିଶାର ବାସ୍ନା

**ଭୁବନେଶ୍ୱର,୨।୪(ବ୍ୟୁରୋ)**

**ଆମେରିକାରେ ଥିବା ଓଡ଼ିଆ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ**

ଓଡ଼ିଆଙ୍କ ମନରେ ଓଡ଼ିଆ ଭାଷା ଓ ଓଡ଼ିଶା ମାଟି ପାଇଁ ସର୍ବଦା ଆତ୍ମୀୟତା ଭରି ରହିଥାଏ। ନିଜ ମାଟିର ବାସ୍ନା ଓ ତାହାର ଅସ୍ମିତା ଯେତେ ଦୂରରେ ଥିଲେ ବି ତାଙ୍କୁ ନିଜ ଭୂମି ସହିତ ଯୋଡ଼ି ରଖିଥାଏ। ସେହିଭଳି ନିଜ ଜାତି ଓ ଭାଷା ପ୍ରେମରେ ପଡ଼ିଥିବା କେତେଜଣ ଓଡ଼ିଆ କଳାକାରଙ୍କ ପ୍ରଚେଷ୍ଟାରେ ସଂଯୋଜିତ ହୋଇଛି ଦେଶାତ୍ମବୋଧକ ସଙ୍ଗୀତ 'ନମାମି ନମାମି ନମାମି ଉତ୍କଳ ଜନନୀ'। ଓଡ଼ିଶା ଦିବସ ଉପଲକ୍ଷେ ଓଡ଼ିଶା ମାଟିର ସମ୍ମାନାର୍ଥେ ସୁଦୂର ଆମେରିକାରେ ରହୁଥିବା ୪୦ରୁ ଉର୍ଦ୍ଧ୍ୱ କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପୀ ତଥା ବାଦ୍ୟକାରଙ୍କ ପ୍ରଚେଷ୍ଟାରେ ପ୍ରସ୍ତୁତ ହୋଇଛି ଏହି ସଙ୍ଗୀତ। ଓଡ଼ିଶା ସୋସାଇଟି ଅଫ୍ ଆମେରିକାର ସଭାପତି କୁକୁ ଦାସଙ୍କ ନେତୃତ୍ୱରେ ଲକ୍‌ଡାଉନ୍ ସମୟରେ ଅନ୍‌ଲାଇନ୍ ମାଧ୍ୟମରେ ଏକାଠି ହୋଇ ଏହି ସମବେତ ସଙ୍ଗୀତକୁ ପ୍ରସ୍ତୁତ କରାଯାଇଛି। ନିରଞ୍ଜନ କରଙ୍କ ଦ୍ୱାରା ଲିଖିତ ଏହି ଗୀତର ନିର୍ଦ୍ଦେଶନା ଦେଇଛନ୍ତି ଦିଲୀପ ଆଚାର୍ଯ୍ୟ। ସେହିଭଳି ଗାୟତ୍ରୀ ଜୋଷୀଙ୍କ ନୃତ୍ୟ ନିର୍ଦ୍ଦେଶନାରେ କଳାକାରମାନେ ଏହାକୁ ପରିବେଷଣ କରିଛନ୍ତି। ଏହି ସଙ୍ଗୀତ ପ୍ରସ୍ତୁତରେ ଜଡ଼ିତ ଥିବା ପ୍ରତ୍ୟେକ ବ୍ୟକ୍ତି ଆମେରିକାରେ ବାସ କରୁଛନ୍ତି।

## 'ଧ୍ୱନି' ଦିବ୍ୟାଙ୍ଗ ଫିଲ୍ମୋତ୍ସବରେ ପ୍ରଦର୍ଶିତ ହେଲା ୧୦ ଚଳଚ୍ଚିତ୍ର

**ଭୁବନେଶ୍ୱର,୨।୪ (ବ୍ୟୁରୋ)**

ଦିବ୍ୟାଙ୍ଗଙ୍କ ସମସ୍ୟା ଓ ବିବିଧ ପ୍ରସଙ୍ଗକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ 'ଧ୍ୱନି' ମାଧ୍ୟମରେ ସମାଜରେ ପ୍ରତିନିଧିତ୍ୱ କରାଯିବା ଆବଶ୍ୟକ ବୋଲି ଶୁକ୍ରବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ୮ମ 'ଧ୍ୱନି' ଭିନ୍ନକ୍ଷମ ଫିଲ୍ମୋତ୍ସବର ଉଦ୍‌ଘାଟନୀ ପର୍ବରେ ମତପ୍ରକାଶ ପାଇଛି। ଦିବ୍ୟାଙ୍ଗଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଚଳଚ୍ଚିତ୍ର ହିଁ ପ୍ରକୃଷ୍ଟ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। ବିଶ୍ୱ ଅଟିଜିମ୍ ଦିବସ ଅବସରରେ ଧ୍ୱନିର ଅଷ୍ଟମ ସଂସ୍କରଣର ଉନ୍ମୋଚନ ପର୍ବ ଉତ୍ସବ ଚଳଚ୍ଚିତ୍ର ତାରକା ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାରପ୍ରାପ୍ତ ଚିତ୍ର ନିର୍ମାତା ଡ. ଅକ୍ଷୟ ପରିଜା ମୁଖ୍ୟଅତିଥି, ଆଇନା ପରିବାରର ବରିଷ୍ଠ ସଦସ୍ୟ ଅଜୟ ଜେନା, ସମ୍ପାଦକ ସ୍ନେହ ମିଶ୍ର ଏବଂ କୋଷାଧ୍ୟକ୍ଷ ଡ. ଗାୟତ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଭର୍ଚ୍ଚୁଆଲ ମାଧ୍ୟମରେ ବିଶିଷ୍ଟ ଥିଏଟର ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ଉଦ୍‌ଘାଟନୀ ଦିବସରେ ୧ମିନିଟ ଓ ୫ ମିନିଟ ବର୍ଗରେ ୧୦ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସାଇନ୍ ଲାଙ୍ଗୁଏଜ୍‌ରେ ପ୍ରସ୍ତୁତ 'ବନ୍ଦେ ଉତ୍କଳ ଜନନୀ' ଭିଡିଓ ରିଲିଜ୍ ହୋଇଥିଲା। ୨୦୧୧ରୁ ଲଗାତର ଭାବେ ଭିନ୍ନକ୍ଷମ ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଅଦ୍ୟାବଧି ଶତାଧିକ ଚଳଚ୍ଚିତ୍ର ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ପୁରସ୍କୃତ ହୋଇଥିବା ଆଇନା ଓ ଧ୍ୱନିର ଏକ ବଡ଼ ସଫଳତା ବୋଲି ଡ. ପରିଜା କହିଥିଲେ। ଏହି ଅବସରରେ ଅକ୍ଷୟ ମହାରଣା, ଶିବଶଙ୍କର ଜେନେରାଲ ଷ୍ଟୋର ଓ ଚିତ୍ର ନିର୍ମାତା ଆଶୁତୋଷ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ପ୍ରଦର୍ଶିତ ଚଳଚ୍ଚିତ୍ରର ଏକ ଦୃଶ୍ୟ।



ଫିଲ୍ମୋତ୍ସବର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୁମିତ୍ରା



@ ଶିବପ୍ରସାଦ



@ ସୂର୍ଯ୍ୟକାନ୍ତ



@ ଦୀପକ



@ ରାଜେଶ



@ ଅନୁରାଗ



@ ସନ୍ଦିପ୍



ବିଶ୍ୱ ଅଟିଜମ୍ ଦିବସ ପାଳନ ଅବସରରେ ଶୁକ୍ରବାର ଜେନ୍ ଫାଉଣ୍ଡେଶନ ଓ ସୁପର ବାଇକର୍ସ କ୍ଲବ ପକ୍ଷରୁ ଅଟିଜମ୍ ସଂକ୍ରାନ୍ତ ସଚେତନତା ବାର୍ତ୍ତା ନେଇ ଭୁବନେଶ୍ୱର ସ୍ୟାଣ୍ଡିସ୍ ଟାୱାରରୁ ବରମୁଣ୍ଡା ଅଭିମୁଖେ ବାହାରି ଥିବା ବାଇକ୍ ରାଲି।

## ବିବାହରେ ୧୦୦, ଶୁଦ୍ଧି କାର୍ଯ୍ୟରେ ୫୦ଜଣଙ୍କୁ ଅନୁମତି

**ଭୁବନେଶ୍ୱର, ୨।୪(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ନୂଆ ଗାଇଡ୍‌ଲାଇନ୍ ଜାରି କରିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ଆସନ୍ତା ୬ ତାରିଖରୁ ବିବାହ ଉତ୍ସବରେ ୧୦୦ଜଣ ଲୋକ ଯୋଗଦେବେ। ସେହିପରି ଶୁଦ୍ଧି କାର୍ଯ୍ୟ ଲାଗି ୫୦ ଜଣଙ୍କୁ ଅନୁମତି ମିଳିବ। ବିବାହ ଓ ଶୁଦ୍ଧି କାର୍ଯ୍ୟରେ କୋଭିଡ୍ କଟକଣା କଡ଼ାକଡ଼ି ହେବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏଥିସହ ସମସ୍ତ ପ୍ରକାର ସମ୍ମିଳନୀ ଓ ସମାବେଶ ଉପରେ କଟକଣା ଲଗାଇଛି ବିଏମ୍‌ସି। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନରେ କୌଣସି ସମାରୋହ ହୋଇପାରିବ ନାହିଁ ବୋଲି ବିଏମ୍‌ସି ନିର୍ଦ୍ଦେଶ ଦେଇଛି। ଅନ୍ୟପଟେ ବିଏମ୍‌ସିର ବିନା ଅନୁମତିରେ ଭୁବନେଶ୍ୱରରେ କୌଣସି ସାମାଜିକ କାର୍ଯ୍ୟକ୍ରମ ହୋଇପାରିବ ନାହିଁ। ଅନ୍ୟପକ୍ଷରେ ନିୟମ ଉଲ୍ଲଂଘନ ରୋକିବା ପାଇଁ ବିଏମ୍‌ସିର ସେଣ୍ଟ୍ରାଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ଏସ୍‌ଇଜେଡ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇଛି।



ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ମାର୍କେଟ ବିଲ୍ଡିଂର ଏକ ଦୋକାନରେ ଚଢ଼ାଉ କରୁଛି।

**ମାର୍କେଟ ବିଲ୍ଡିଂରେ ଶୋ'ରୁମ୍ ସିଲ୍, ଜରିମାନା ଆଦାୟ କଲା ବିଏମ୍‌ସି**

ଶୁକ୍ରବାର ମାର୍କେଟ୍ ବିଲ୍ଡିଂରେ ଚଢ଼ାଉ କରି ବିଭିନ୍ନ ଦୋକାନରୁ ଜରିମାନା ଆଦାୟ କରିବା ସହ ବିଶାଲ ମେଗା ମାର୍ଟକୁ ସିଲ୍ କରିଛି। କୁଇନ୍ସ କଲେକ୍ସନରୁ ୧୦ହଜାର, କୋଲକାତା ବଜାରରୁ ୫ହଜାର, ସିଟି ଫ୍ୟାଶନରୁ ୫ହଜାର ଓ ଅନ୍ୟ ଦୋକାନରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ନେତୃତ୍ୱରେ ଏହି ଟିମ୍‌ରେ ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ, ଆସିଷ୍ଟାଣ୍ଟ କମିଶନର(ଏନ୍‌ଫୋର୍ସମେଣ୍ଟ) ଲିଳନ ପ୍ରସାଦ ସାହୁ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ପୁରୀ**
- ବଡ଼ଦାଣ୍ଡ ସେବା, ବଡ଼ଦାଣ୍ଡ, ସକାଳ ୬ଟା ୩୦ ।

**ବଲଙ୍ଗା**
- ବଲଙ୍ଗାସ୍ଥ ପଶ୍ଚିମାଶମ୍ଭୁ କ୍ରେଶର ଦେବଙ୍କ ପଞ୍ଚୁ ଦୋଳ ମେଳଣ, ବଲଙ୍ଗା, ସକାଳ ୬ଟା ।




୨.୦୪.୨୦୨୧

| | |
|---|---|
| ୪,୬୩, ୫୮୧ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୫୮. ୫୦୦ ଗ୍ରାମ୍ |

# କୋହଳ ହୋଇପଡ଼ିଛି କୋଭିଡ୍ କଟକଣା

- ଶ୍ରୀମନ୍ଦିର ବାହାରେ ଥର୍ମାଲ ସ୍କ୍ରିନିଂ ହେଉନି
- ଦୋକାନରେ ରହୁନି ସାମାଜିକ ଦୂରତା

**ପୁରୀ ଅଫିସ,୨।୪**

ପୁରୀ ସହରରେ ଟିକାକରଣକୁ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ କୋଭିଡ୍ କଟକଣା କୋହଳ ହୋଇପଡ଼ିଛି। ଶ୍ରୀମନ୍ଦିର ପ୍ରବେଶବେଳେ ପୂର୍ବରୁ ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜେଶନକୁ ଗୁରୁତ୍ୱ ଦିଆଯାଉଥିଲା। ମାତ୍ର ଏବେ ଆଉ ଏସବୁ ଦେଖିବାକୁ ମିଳୁନି। କେବଳ ମାସ୍କ ଯାଞ୍ଚ କରି ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ଭିତରକୁ ଯିବାକୁ ଅନୁମତି ଦିଆଯାଉଛି। ଏହାଦ୍ୱାରା ସଂକ୍ରମଣ ବଢ଼ିବା ଆଶଙ୍କା ପ୍ରକାଶ ପାଇଛି। ଶ୍ରୀମନ୍ଦିର ପ୍ରଶାସନ ସପ୍ତାହକୁ ଗୋଟିଏ ଦିନ ଶ୍ରୀମନ୍ଦିର ବନ୍ଦ ରଖି ସାନିଟାଇଜେଶନ୍ ବ୍ୟବସ୍ଥା ଲାଗୁ କରିବା କଥା ପୂର୍ବ ପ୍ରଶାସନିକ ବୈଠକରେ କହିଥିଲେ। ମାତ୍ର ତାହା ଏବେ ସୁଦ୍ଧା ଲାଗୁ ହୋଇପାରିନାହିଁ। ଶ୍ରୀମନ୍ଦିର ପରିସର ଓ ବାହାର ସାନିଟାଇଜ ହେଉ ନ ଥିବାରୁ ପୁଣି ସଂକ୍ରମଣ ବଢ଼ିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିଭଳି ଅଠରନଳା, ଡାକ୍ତରଖାନା ଛକ ଓ ମଙ୍ଗଳାଘାଟ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ମାସ୍କ ଚେକିଂ କଡ଼ାକଡ଼ି ହେଉନାହିଁ। ଅନ୍ୟପକ୍ଷରେ ପର୍ଯ୍ୟଟକଙ୍କୁ ପୋଲିସ ମାସ୍କ ପିନ୍ଧିବାକୁ ବାଧ୍ୟ କରିବା ସହ ବିନା ମାସ୍କରେ ଦେଖିଲେ ଜରିମାନା ଆଦାୟ କରୁଛି। କୌଣସି ଦୋକାନରେ କୋଭିଡ୍ ନିୟମ ପାଳନ କରାଯାଉନାହିଁ। ପୂର୍ବରୁ ସବୁ ଦୋକାନରେ ଗୋଲ ବୁଲାଇ ଲୋକଙ୍କୁ ସାମାଜିକ ଦୂରତା ରକ୍ଷା କରିବା ପାଇଁ କୁହାଯାଉଥିଲା। ସନ୍ଧ୍ୟାରେ ଶ୍ରୀମନ୍ଦିର ନିକଟ ଓ ନୀଳାଦ୍ରି ବ୍ଲୁ ଫ୍ଲାଗ୍ ବିଚ୍‌ରେ ପ୍ରବଳ ଭିଡ଼ ଜମୁଛି। ସେହିଭଳି ଜିଲା ପ୍ରଶାସନ କୋଭିଡ୍ କଟକଣା ପାଳନ କରାଇବା ବଦଳରେ ପ୍ରତି ଶନିବାର ବଡଦାଣ୍ଡ ସେବା ନାମରେ ସ୍ୱଚ୍ଛତା ଅଭିଯାନ କରି ହଜାର ହଜାର ସଂଖ୍ୟକ ଲୋକଙ୍କୁ ଏକାଠି କରୁଛନ୍ତି। ସେଠାରେ ହାତଗଣତି ଲୋକଙ୍କୁ ଛାଡ଼ି କାହାରିକୁ ମାସ୍କ ପିନ୍ଧିଥିବା କିମ୍ବା ସାମାଜିକ ଦୂରତା ରକ୍ଷା କରିଥିବା ଦେଖିବାକୁ ମିଳେ ନାହିଁ। ପୁରୀସ୍ଥିତ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକଙ୍କୁ କରୋନା ହୋଇଥିବାରୁ ବିଶ୍ୱବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଦୁଇଜଣ ଛାତ୍ର ମଧ୍ୟ କରୋନା ସଂକ୍ରମଣର ଶିକାର ହେଲେଣି। ଏତେ ସବୁ ପରେ ବି ପ୍ରଶାସନ ଚେତୁନି ବୋଲି ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ପୁରୀ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ୫ଟି ଟିମ୍ ଗଠନ କରି କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଉଛି। ପାଖାପାଖି ୮ଶହ ଶ୍ରଦ୍ଧାଳୁଙ୍କଠାରୁ ମାସ୍କ ନ ପିନ୍ଧିବା କାରଣରୁ ଜରିମାନା ଆଦାୟ ହୋଇଛି। ଆଗକୁ କଟକଣା ଅଧିକ କଡ଼ାକଡ଼ି କରାଯିବ।



ସିଂହଦ୍ୱାର ସମ୍ମୁଖରେ ଭକ୍ତମାନେ ବିନା ମାସ୍କରେ ପାଖାପାଖି ସମାଗମ ହୋଇଛନ୍ତି।

## କଣାସରେ ବି ମାନୁନାହାନ୍ତି

**କଣାସ,୨।୪(ସ୍ୱ.ପ୍ର.)**

କଣାସ ବ୍ଲକର ବିଭିନ୍ନ ବଜାର, ହାଟଗୁଡ଼ିକରେ କରୋନା କଟକଣା ଲୋକେ ମାନୁ ନ ଥିବା ଦେଖିବାକୁ ମିଳିଛି। ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁ ନ ଥିବାବେଳେ, କେହି ଦୋକାନୀ କି ଗ୍ରାହକ ମାସ୍କ ମଧ୍ୟ ପିନ୍ଧୁ ନାହାନ୍ତି। ଫଳରେ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି। ବିଡିଓ, ତହସିଲଦାର, ଥାନାଧିକାରୀମାନଙ୍କୁ କରୋନା କଟକଣା ନେଇ କଡ଼ାକଡ଼ି ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି। ଗତ ୨୪ତାରିଖ ଦିନ ବିଡିଓ ଲୋଚନ ଦାସ ସମସ୍ତ ସରପଞ୍ଚଙ୍କର ଏକ ବୈଠକ ଡାକି ଜିଲାପାଳଙ୍କ କରୋନା ପାଇଁ ଥିବା ନିର୍ଦ୍ଦେଶ ସମ୍ପର୍କରେ ଜଣାଇଥିଲେ ମଧ୍ୟ ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଚୁପ ରହିଯିବା ହେତୁ ଲୋକେ କଟକଣାକୁ ଗୁରୁତ୍ୱ ଦେଉ ନାହାନ୍ତି।

## ସହର ଖବର

### ଦାଦାବଟି ମାଗିବା ଅଭିଯୋଗରେ ୧୦ ଗିରଫ

**ପୁରୀ ଅଫିସ, ୨।୪ :** ସିଂହଦ୍ୱାର ଥାନା ପୋଲିସ ଶୁକ୍ରବାର ଦାଦାବଟି ମାଗିବା ଅଭିଯୋଗରେ ୧୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଳିଆପଣ୍ଡା ଥାନା ଅର୍ନ୍ତଗତ ମଙ୍ଗଳା ସାହିର ଲକ୍ଷ୍ମୀଧର ବାରିକ, ସିଲୁ ସାହୁ, କଣାସ ଥାନା ଅଧୀନ ଗଡ଼ସାହିର ଦୀପକ ବରାଳ, ସିଂହଦ୍ୱାର ଥାନା ଅର୍ନ୍ତଗତ ଉତ୍ତରପାର୍ଶ୍ୱ ଲକ୍ଷ୍ମୀବଜାର ଅଞ୍ଚଳର ମୁରଲୀ ସାହୁ, ବାସେଳୀସାହି ଥାନା ଅଧୀନ ବାଲିସ୍କୁଲ ନିକଟ ସୁନିଲ କୁମାର ସାହୁ, ପୁରୀ ଟାଉନ ଥାନା ଅନ୍ତର୍ଗତ ଜଗନ୍ନାଥବଲ୍ଲଭ ଅଞ୍ଚଳର ରାଜେଶ ପରିଡା, ଟାଉନ ଥାନା ଅନ୍ତର୍ଗତ ବାଲିସାହିର ମନୋଜ କୁମାର ସାହୁ, କୁଣ୍ଡେଇ ବେଣ୍ଟ ସାହିର ସୂର୍ଯ୍ୟ ନାରାୟଣ ମହାପାତ୍ର, ମାର୍କଣ୍ଡେଶ୍ୱର ସାହି ଅଞ୍ଚଳର ରଞ୍ଜନ କୁମାର ମହାନ୍ତି ଏବଂ ଚନ୍ଦନପୁର ଅଞ୍ଚଳର ପର୍ଶୁରାମ ବେହେରା। ଏମାନଙ୍କଠାରୁ ୨୪୨୦ ଟଙ୍କା ଓ ଏକ ଛୁରିକୁ ପୋଲିସ ଜବତ କରିଛି। ଏ ନେଇ ଆଇପିସି ଧାରା ୩୪୧, ୩୮୬, ୩୮୭, ୫୦୬, ୧୨୦(ବି), ୩୪ରେ କେସ୍ ନଂ. ୩୨/୨୧ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରେ ବ୍ୟବସାୟ କରୁଥିବା ଉଠାଦୋକାନୀମାନଙ୍କଠାରୁ କେତେଜଣ ବ୍ୟକ୍ତି ଦୈନିକ ଦାଦାବଟି ଆଦାୟ କରୁଥିବା ପୋଲିସ ଖବର ପାଇଥିଲା। ଶୁକ୍ରବାର ସିଂହଦ୍ୱାର ଥାନା ଅଧିକାରୀ ଗେହ୍ଲି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୧୦ ଜଣଙ୍କୁ ଧରି ଥାନାକୁ ଆଣିଥିଲା।

### ବେଳାଭୂମିରୁ ବୃଦ୍ଧଙ୍କ ମୃତଦେହ ଜବତ

**ପୁରୀ ଅଫିସ :** ପୁରୀ ସମୁଦ୍ର ବେଳାଭୂମିରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ବେଳାଭୂମିର ୮ନମ୍ବର ସେକ୍ଟରରେ ଏହି ମୃତଦେହ ପଡ଼ିଥିଲା। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଲାଇଫ୍ ଗାର୍ଡମାନେ ଡ୍ୟୁଟି କରିବାକୁ ଆସୁଥିବାବେଳେ ବେଳାଭୂମିରେ ଏକ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତକ ଜଣକ କଟକ ରାଣୀହାଟ ଅଞ୍ଚଳର ଅଶୋକ କୁମାର ପଟ୍ଟନାୟକ(୬୫) ବୋଲି ଜଣାପଡ଼ିଛି। ଗୁରୁବାର ଅଶୋକ ପୁରୀ ବୁଲିବାକୁ ଆସିଥିଲେ। ତେବେ ଏଠାରେ ତାଙ୍କର ମୃତ୍ୟୁ କିପରି ହେଲା ସେନେଇ ସ୍ପଷ୍ଟ ହୋଇନାହିଁ। ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରିବା ସହ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଟ୍ରେନ୍ ଯାତ୍ରୀଙ୍କଠାରୁ ମୋବାଇଲ ଲୁଟ୍: ଯୁବକ ଗିରଫ

**ପୁରୀ ଅଫିସ :** ଟ୍ରେନ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ୍ ଲୁଟ୍ ଅଭିଯୋଗରେ ପୁରୀ ଜିଆର୍‌ପି ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ କୁମ୍ଭାରପଡ଼ା ଥାନା ଅଧୀନ ରାମଚଣ୍ଡି ବାଲିଉପର ସାହିର ପପୁନ ସ୍ୱାଇଁ (୧୯)। ଜିଆର୍‌ପି ସୂଚନା ଅନୁଯାୟୀ, ପୁରୀ ହାଓଡ଼ା ଏକ୍ସପ୍ରେସ ଟ୍ରେନ୍ ପୁରୀ ଷ୍ଟେଶନରୁ ଛାଡ଼ିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏସି କୋଚ୍‌ରେ ବସିଥିବା ପଶ୍ଚିମବଙ୍ଗ ହାଓଡ଼ା ଜିଲା ଗଲାବାରିର ପ୍ରସନ୍ନଜିତ୍ ଘୋଷଙ୍କ ମୋବାଇଲ ଫୋନ୍ ଲୁଟି ନେଇ ପପୁନ ଫେରାର ହୋଇଯାଉଥିଲେ। ତେବେ ତୁରନ୍ତ ପ୍ରସନ୍ନଜିତ ପପୁନଙ୍କ ପିଛା କରି ତାଙ୍କୁ ଧରି ଜିଆର୍‌ପି ଜିମା ଦେଇଥିଲେ। ଏ ନେଇ ପ୍ରସନ୍ନଜିତଙ୍କ ଅଭିଯୋଗ କ୍ରମେ ଜିଆର୍‌ପିରେ କେସ୍ ନଂ. ୩୪/୨୧ ରୁଜୁ ହୋଇଛି।

### ଅସହାୟ ଅବସ୍ଥାରେ ବୁଲୁଥିବା ନାବାଳକ ଉଦ୍ଧାର

**ପୁରୀ ଅଫିସ :** ପୁରୀ ସଦର ଥାନା ଅନ୍ତର୍ଗତ ସମରାଜପୁର ୱାଟର ପାର୍କ ଛକ ନିକଟ ମଙ୍ଗଳାହାଟ ମାଳତୀ ପାଟପୁର ରାସ୍ତାରୁ ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ତାଙ୍କର ବୟସ ପ୍ରାୟ ୬ବର୍ଷ ହେବ। ଗୁରୁବାର ଏହି ନାବାଳକ ଜଣକ ଅସହାୟ ଅବସ୍ଥାରେ ବୁଲୁଥିବା ଖବର ପାଇ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପିଲାଟି ନିଜ ନାମ ମୁନୁ, ବାପା ବୁଲୁ ଦାସ ଏବଂ ମା' କୁନି ଦାସ ବୋଲି କହିଥିଲେ। ମା'ଙ୍କ ମୃତ୍ୟୁ ହୋଇସାରିଥିବା ସେ ପ୍ରକାଶ କରିଥିଲେ। ତେବେ ନିଜ ଘର କେଉଁଠି ଓ ସେ କିପରି ଏଠାକୁ ଆସିଲେ ସେ ବିଷୟରେ କିଛି କହିପାରି ନ ଥିଲେ। ଜିଲା ଶିଶୁ ମଙ୍ଗଳ ଅଧିକାରୀ ତାଙ୍କୁ ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ରଖିବା ସହ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେଇଛନ୍ତି। ତେବେ କୌଣସି ବ୍ୟକ୍ତି ଏହି ନାବାଳକଙ୍କ ସମ୍ପର୍କରେ ସୂଚନା ପାଇଲେ ପୋଲିସ କିମ୍ବା ତାଙ୍କୁ ଜଣାଇବା ପାଇଁ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ୧୦୪ ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ ବଣ୍ଟନ

**ନିମାପଡ଼ା,୨।୪(ଡି.ଏନ୍.ଏ.)-** ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ(ପିପିଡବ୍ଲୁଓ) ଓ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଗବେଷଣା ସଂସ୍ଥା(ଓଲଟପୁର, ନିର୍‌ତାର)ର ମିଳିତ ଆନୁକୂଲ୍ୟରେ ଦିବ୍ୟାଙ୍ଗମାନଙ୍କୁ ସହାୟତା ଉପକରଣ ବଣ୍ଟନ ମେଳା ସ୍ଥାନୀୟ ଟାଉନ ହଲଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଅତିଥି ଭାବେ ନିର୍‌ତାରର ଗବେଷକ ଡ.ଆଦିତ୍ୟ ନାରାୟଣ ନନ୍ଦ, ବିଭୁ ପ୍ରସାଦ ସାହୁ, ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ନିମାପଡ଼ା ସିଟି ବିଦ୍ୟାଳୟର ଅଧକ୍ଷ ଡ. ପ୍ରଭାକର ତ୍ରିପାଠୀ, ପିପିଡବ୍ଲୁଓର ସଭାପତି ଗଗନ ବିହାରୀ ଦାଶ, ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି, ରତ୍ନାକର ଦାଶ, ଦୃଷ୍ଟିହୀନ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା, ପ୍ରତ୍ୟେକ ନାଗରିକ ଦିବ୍ୟାଙ୍ଗଙ୍କୁ ସମ୍ମାନ ଓ ମର୍ଯ୍ୟାଦା ପ୍ରଦର୍ଶନ କରିବା ସହ ସେମାନଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବାକୁ ଅତିଥିମାନେ କହିଥିଲେ। ଏହି ମେଳାରେ ୧୦୪ ଦିବ୍ୟାଙ୍ଗ ବ୍ୟକ୍ତି ଓ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟଫୋନ, ଶ୍ରବଣ ଯନ୍ତ୍ର, ଟ୍ରାଇ ସାଇକେଲ, ହୁଇଲ ଚେୟାର ଆଦି ଉପକରଣ ଅତିଥିମାନେ ପ୍ରଦାନ କରିଥିଲେ। ଏହି ଅବସରରେ ରତ୍ନାକର ଦାଶ ଦୃଷ୍ଟିହୀନ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପିପିଡବ୍ଲୁଓର କର୍ମକର୍ତ୍ତା, ସ୍ୱତନ୍ତ୍ର ବିଏଡ୍ କଲେଜର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜମି ଦଖଲ ଉଦ୍ୟମକୁ ବିରୋଧ



ରେବତୀରମଣ ଗ୍ରାମରେ ଭୋଇସେବକଙ୍କ ପରିବାରବର୍ଗ ପ୍ରଶାସନ ପକ୍ଷରୁ ଜମି ଦଖଲକୁ ବିରୋଧ କରୁଛନ୍ତି।

## ଫେରିଗଲେ ପ୍ରଶାସନିକ ଅଧିକାରୀ

**ପୁରୀ ଅଫିସ,୨।୪**

ଖଡ଼ିପଦା ନିକଟ ରେବତୀରମଣ ଗ୍ରାମରେ ଭୋଇସେବକମାନଙ୍କ ଦଖଲରେ ଥିବା ଜଗନ୍ନାଥଙ୍କ ଜମିକୁ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ନିଜ ଦଖଲକୁ ନେବା ପାଇଁ ଉଦ୍ୟମ କରିବାବେଳେ ବିରୋଧର ସମ୍ମୁଖୀନ ହୋଇଛି। ଏହାକୁ ସମ୍ପୃକ୍ତ ଭୋଇସେବକମାନଙ୍କ ପରିବାର ଲୋକେ ବିରୋଧ କରିବାରୁ ପ୍ରଶାସନିକ ଅଧିକାରୀମାନେ ଫେରିଯାଇଛନ୍ତି। ପୁରୀ ସହରର ଅଧିକାଂଶ ଜମି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବାବେଳେ କେତେଜଣ ବ୍ୟକ୍ତି ଏହାକୁ ଦଖଲରେ ରଖିଛନ୍ତି। ସେହିଭଳି କେତେଜଣ ଭୋଇ ସେବକ ଦଖଲରେ ଜଗନ୍ନାଥଙ୍କ ଜମି ରହିଛି। ପ୍ରଶାସନ ପକ୍ଷରୁ କୌଣସି ପୂର୍ବ ନୋଟିସ୍ ଦିଆ ନ ଯାଇ ଶୁକ୍ରବାର ଜମି ଦଖଲ ପାଇଁ ଉଦ୍ୟମ ହୋଇଥିଲା। କେତେଜଣ ଅଧିକାରୀ ଏଠାକୁ ଆସିଥିଲେ ମଧ୍ୟ ବିରୋଧ ଯୋଗୁ ଫେରିଯାଇଥିଲେ ବୋଲି ଭୋଇ ସେବାୟତମାନେ କହିଛନ୍ତି। ସେହିପରି ଦୀର୍ଘଦିନ ଧରି ସେଠାରେ ରହୁଥିବା ଭୋଇ ସେବକଙ୍କୁ ସେଠାରୁ ନ ଉଠାଇବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି ବୋଲି ନିରଞ୍ଜନ ଭୋଇ କହିଛନ୍ତି। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବାବେଳେ ଏନେଇ ବିଧାୟକଙ୍କୁ ଜଣାଇବା ସହିତ ଭୂସମ୍ପତ୍ତି ସୁରକ୍ଷା ପରିଷଦ ସହ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳି ପାରିନାହିଁ।

### ୧୨ରୁ ବିଷୁବ ମିଳନ ଉତ୍ସବ

**କଟକ ଅଫିସ, ୨।୪**

ପ୍ରଜାତନ୍ତ୍ର ପ୍ରଚାର ସମିତିର ୭୨ତମ ବିଷୁବ ମିଳନ ଉତ୍ସବ ବିଷୁବ ମଣ୍ଡପରେ ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ୧୪ ତାରିଖ ଉଦ୍‌ଯାପନୀ ଉତ୍ସବରେ ୨୦୨୦ ଓ ୨୦୨୧ ବର୍ଷ ନିମନ୍ତେ କେତେଜଣ ସ୍ରଷ୍ଟା ଓ କଳାକାରଙ୍କୁ ପୁରସ୍କୃତ କରାଯିବ। ୨୦୨୦ ଲାଗି ପ୍ରାବନ୍ଧିକ ହରପ୍ରସାଦ ଦାସ ଓ ୨୦୨୧ ନିମନ୍ତେ କବି ଅମରେଶ ପଟ୍ଟନାୟକଙ୍କୁ ବିଷୁବ ପୁରସ୍କାର ଦିଆଯିବ। ୨୦୨୦ ନିମନ୍ତେ ଅନୁବାଦ ସାହିତ୍ୟ କ୍ଷେତ୍ରରେ କନକ ମଞ୍ଜରୀ ସାହୁ ଓ ୨୦୨୧ ପାଇଁ ଲିଙ୍ଗରାଜ ମହାନ୍ତିଙ୍କୁ ଝଙ୍କାର ଅନୁବାଦ-ଭାରତୀ ପୁରସ୍କାର ପ୍ରଦାନ କରାଯିବ। ୨୦୨୦ ଝଙ୍କାର ଲଳିତନିବନ୍ଧ ପୁରସ୍କାର ପାଇଁ ଡ. ଭାଗ୍ୟଲିପି ମଲ୍ଲ ଓ ୨୦୨୧ ନିମନ୍ତେ ବୈଷ୍ଣବ ଚରଣ ମହାନ୍ତି ମନୋନୀତ ହୋଇଛନ୍ତି ।

### କ୍ରିକେଟ: ଫକୀରସାହି ଚାମ୍ପିୟନ

**ଅସ୍ତରଙ୍ଗ,୨।୪ (ଡି.ଏନ୍.ଏ.)**

ଅସ୍ତରଙ୍ଗ ନିକଟସ୍ଥ ବାଜପୁର ଶ୍ୟାମରାୟପାଟଣାରେ ବାସୁଦେବ ଆଲିପମେଣ୍ଟ ସୋସିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ପ୍ରଥମ ବାର୍ଷିକ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ ଭାଗନେଇ ଥିବାବେଳେ ଫାଇନାଲ ମ୍ୟାଚରେ ଫକିରସାହି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଫକୀରସାହି କ୍ଲବ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭୭ ରନ କରିଥିଲା। ଜବାବରେ ରଙ୍ଗତୋଟା କ୍ରିକେଟ ଟିମ୍ ୬୫ ରନ କରି ପରାସ୍ତ ହୋଇଥିଲା। ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ଅବସରପ୍ରାପ୍ତ ଶିକ୍ଷକ ଭ୍ରମରର ସାହୁଙ୍କ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ରାମଚନ୍ଦ୍ର ସାହୁ, ପ୍ରଶାନ୍ତ ଜେନା, କାର୍ତ୍ତିକ ସାହୁ, ପ୍ରକାଶ ସାହୁ, ପ୍ରତାପ ସାହୁ, ସୋମନାଥ କୁଣ୍ଡୁ, ସୁକାନ୍ତ ସାହୁ, ଭାଗୀରଥି ଡାଲୁଆ, ଚନ୍ଦ୍ରମଣି ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଫକୀରସାହି ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ଅର୍ଥ ଓ ରନର୍ସ ଦଳକୁ କପ ଏବଂ ନଗଦ ଅର୍ଥ ପ୍ରଦାନ କରିଥିଲେ। ଟ୍ରଷ୍ଟର ସଭାପତି ମହେଶ୍ୱର ମାହାରୀ, ସମ୍ପାଦକ ଅମିତ ଡାଲୁଆ, ରାଜକିଶୋର ସାହୁ, ରାଜେଶ ଦାଶ, ଚିନ୍ମୟ ଦାସ ଓ ସଭ୍ୟମାନେ ଖେଳ ପରିଚାଳନା କରିଥିଲେ। ଶେଷରେ ଭ୍ରମରବର ସାହୁ, ସ୍ୱପ୍ନା, ସୁଜ୍ଞାନୀ ସାହୁ ଓ ରଶ୍ମିତା ଦାସ ସଙ୍ଗୀତ ପରିବେଷଣ କରିଥିଲେ।

# ବାଇକ୍ ରାଲିରେ ପ୍ରଚାର କଲେ ରୁଦ୍ର

## ପିପିଲି ଉପନିର୍ବାଚନ

**ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର (ଡି.ଏନ.ଏ.)୨।୪**

ପିପିଲି ଉପନିର୍ବାଚନ ୧୭ତାରିଖରେ ଅନୁଷ୍ଠିତ ହେବ। ଏହାପୂର୍ବରୁ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀମାନେ ପ୍ରଚାର ଜୋରଦାର ଚଳାଇଛନ୍ତି। ଶୁକ୍ରବାର ବିଜୁ ଜନତା ଦଳର ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପୁତ୍ର ରୁଦ୍ର ପ୍ରସାଦ ମହାରଥୀ ବାଇକ ରାଲିରେ ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଭୋଟ ଭିକ୍ଷା କରିଛନ୍ତି। ପ୍ରଥମେ ପୂର୍ବା ଶାସନ ପଞ୍ଚାୟତରୁ ୨ଶହ ବାଇକ୍‌ରେ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ବାହାରିଥିଲେ। ଲକ୍ଷ୍ମୀନାରାୟଣପୁର, ଗୋବିନ୍ଦପୁର, ପମସରା, ଓରକଳ, ଭାରତୀପୁର ଆଦି ଗ୍ରାମ ପରିକ୍ରମାକରି ନିଜ ପିତାଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବାକୁ ରୁଦ୍ର ନିଜ ଭାଷଣରେ କହିଥିଲେ। ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ସେ ପିପିଲି ଡେଲାଙ୍ଗବାସୀଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ରୁଦ୍ର କହିଥିଲେ। ଶୁକ୍ରବାର ଗୋଟିଏ ଦିନରେ ୭ଟି ପଞ୍ଚାୟତର ଲୋକମାନଙ୍କୁ ରୁଦ୍ର ଭେଟିବା ସହ ସେମାନଙ୍କ ଦୁଃଖସୁଖର ସାଥୀ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶୋଭାଯାତ୍ରାରେ ଦଳୀୟ ପର୍ଯ୍ୟବେକ୍ଷକ, କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# କୁମାର କୃଷ୍ଣଚନ୍ଦ୍ର ଥିଲେ ମୋ ଗୁରୁ-ଧର୍ମେନ୍ଦ୍ର



କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ।

**ଗୋପ,୨।୪(ଡି.ଏନ୍.ଏ.)**

ରାଜନୀତି ପୂର୍ବରୁ ଅର୍ଥାତ ଛାତ୍ର ଜୀବନରୁ କୁମାର କୃଷ୍ଣଚନ୍ଦ୍ର ରାୟ ମୋର ଗୁରୁ ଥିଲେ। ତାଙ୍କର ପ୍ରେରଣା ଆଜି ମତେ ଉଚ୍ଚ ସ୍ଥାନରେ ପହଞ୍ଚାଇ ପାରିଛି ବୋଲି ଶୁକ୍ରବାର ଗୋପ ବ୍ଲକ ଏରବଙ୍ଗ ପଞ୍ଚାୟତର ବୟାଳିଶବାଟି ଗ୍ରାମରେ ଆର୍‌ଏସ୍‌ଏସ୍ ମୁଖ୍ୟ ପ୍ରଚାରକ ତଥା ଏବିଭିପି ସଙ୍ଗଠନର ମୁଖ୍ୟ କୁମାର କୃଷ୍ଣଚନ୍ଦ୍ର ରାୟଙ୍କ ଏକାଦଶ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୋପ ବଜାରଠାରେ ମନ୍ତ୍ରୀଙ୍କୁ ଭାଜପା କର୍ମୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସ୍ୱର୍ଗତ କୁମାର କୃଷ୍ଣଚନ୍ଦ୍ର ରାୟଙ୍କ ବାସଭବନରେ ମନ୍ତ୍ରୀ ପହଞ୍ଚି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ରାୟଙ୍କ ସହ ତାଙ୍କ ସମୟ କିପରି ଅତିବାହିତ କରିଥିଲେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ମନ୍ତ୍ରୀ ବୟାଳିଶବାଟି ଗ୍ରାମରେ କୋଣାର୍କ ମନ୍ଦିର ମଡେଲ କୁହାଯାଉଥିବା ମା' ଗଙ୍ଗେଶ୍ୱରୀ ମନ୍ଦିର ବୁଲି ଦେଖିଥିଲେ। ଏହାର ସୁରକ୍ଷା ପ୍ରତି ଗୁରୁତ୍ୱ ଦେବେ ବୋଲି କହିଥିଲେ। ନିରଞ୍ଜନ ସାହୁ ଏହି ମନ୍ଦିରର ସମସ୍ୟା ଜଣାଇଥିଲେ। ଏହି ଅବସରରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଲେଖାଶ୍ରୀ ସାମନ୍ତସିଂହାର, ପ୍ରଭାତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଆସି ସ୍ୱର୍ଗତଃ ରାୟଙ୍କ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଥିଲେ।

# ବ୍ରହ୍ମଗିରି ପଞ୍ଚଦୋଳ ମେଳଣ ଆରମ୍ଭ

**ବ୍ରହ୍ମଗିରି,୨।୪(ଡି.ଏନ.ଏ.)**

ଓଡ଼ିଶାର ପ୍ରସିଦ୍ଧ ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ଦୋଳ ମେଳଣ ଇତିହାସରେ ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। କରୋନା କଟକଣା ମଧ୍ୟରେ ନିରାଡ଼ମ୍ବର ଭାବେ ମେଳଣର ଜମାଣ ଉତ୍ସବ ଅନୁଷ୍ଠିତ ହୋଇଛି। ପୌରାଣିକ ଅନୁଯାୟୀ ପାଣ୍ଡବ ପାଞ୍ଚ ଭାଇ ଯେପରି ଗୋଟିଏ ସୂତ୍ରରେ ବାନ୍ଧିହୋଇ ରହିଥିଲେ, ସେହିପରି ଏହି ମେଳଣ ଏ ଅଞ୍ଚଳବାସୀଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିରଖିଛି। ମେଳଣର ମୁଖ୍ୟ ଆକର୍ଷଣ ହେଲା ୧୦୮ ଦୋଳ ସହ ପଞ୍ଚୁପାଣ୍ଡବ ଏବଂ ଭଗବାନ ବିଷ୍ଣୁଙ୍କ ମିଳନର ଦୃଶ୍ୟ ସବୁଠାରୁ ନିଆରା। ପୁରାଣ ଅନୁଯାୟୀ ପଞ୍ଚୁପାଣ୍ଡବଙ୍କ ସହ ଭଗବାନ ନାରାୟଣଙ୍କୁ ଏକା ସାଙ୍ଗରେ ଦର୍ଶନ କଲେ କୋଟି ପୁଣ୍ୟ ଅର୍ଜନ ହୁଏ। ଏହି ପ୍ରବାଦକୁ ନେଇ ପୁରୀ ଜିଲା ବ୍ରହ୍ମପୀଠ ବ୍ରହ୍ମଗିରିରେ ବହୁକାଳରୁ ଏହି ପଞ୍ଚୁପାଣ୍ଡବ ମେଳଣର ସୃଷ୍ଟି। କିମ୍ବଦନ୍ତୀ ଅନୁଯାୟୀ, ଯେତେବେଳେ ପାଣ୍ଡବ ଭାଇ ଅଜ୍ଞାତ ବନବାସ କରିଥିଲେ, ସେହି ସମୟରେ ଏମାନେ ୫ଟି ଶିବଲିଙ୍ଗ ସ୍ଥାପନ କରି ପୂଜାକରି ଥିଲେ ଏବଂ ସେମାନଙ୍କ ନାମ ଅନୁସାରେ ଏହି ଶିବଲିଙ୍ଗଗୁଡିକୁ ନାମକରଣ କରିଥିଲେ। ଏହି କଥାକୁ ବିଶ୍ୱାସ କରି ଏ ଅଞ୍ଚଳବାସୀ ଯୁଧିଷ୍ଠିରଦେବ ବିଜେ ସୁନାମୁହଁ, ଭୀମେଶ୍ୱର ଦେବ ବିଜେ ଚାପମାଣିକ, ଅର୍ଜୁନେଶ୍ୱର ଦେବ ବିଜେ କାଳିକାବାଡି, ନାଗେଶ୍ୱର ଦେବ ବିଜେ ନାଗେଶ୍ୱର ଓ ବାଲିସହ ଦେବ ବିଜେ ସହଦେବପୁରରେ ଅବସ୍ଥିତ ଉକ୍ତ ଶୈବପୀଠକୁ ପଞ୍ଚୁପାଣ୍ଡବେ ଭାବେ ପୂଜାକରି ଆସୁଛନ୍ତି। ଏହି ପଞ୍ଚୁପାଣ୍ଡବଙ୍କ ସହ ଶ୍ରୀ ଶ୍ରୀ ଗୋପୀନାଥ ଦେବ ମିଳନରେ ଏହି ମେଳଣ ହୁଏ। ଏହା ଚୈତ୍ରମାସ କୃଷ୍ଣପକ୍ଷ ୫ମୀ ତିଥିରୁ ୭ମୀ ତିଥି ପର୍ଯ୍ୟନ୍ତ ହୁଏ। ଏହି ମେଳଣ ୧୮୩୫ରୁ ଆରମ୍ଭ ହୋଇଥିବାବେଳେ ଜଗତ୍‌ବନ୍ଧୁ ଲୋକନାଥ ବିଦ୍ୟାଧର ମହାପାତ୍ର (ବକ୍ସି ଜଗବନ୍ଧୁ ) ଏହାର ପୃଷ୍ଠ ପୋଷକ ଥିଲେ। ପରେ ଏହାକୁ ଚିନ୍ତାମଣି ପାତ୍ର, ଫକୀର ପଟ୍ଟନାୟକ, କେଶରୀ କାନୁନଗୋ ଆରମ୍ଭ କରିଥିଲେ । ୬୨ ମୌଜାରୁ ୧୦୮ଟି ବିମାନରେ ଠାକୁରମାନେ ବିଭିନ୍ନ ପ୍ରକାର ବିମାନରେ ଆସି ମେଳଣ ପଡିଆରେ ପହଞ୍ଚିଥାନ୍ତି। ଠାକୁର ଆସିବା ସମୟରେ ପୁରୀ ପ୍ରସିଦ୍ଧ ନାଗାନୃତ୍ୟ ଦେଖିବାକୁ ମିଳିଥାଏ। ଏହି ନାଗା ଓ ଦେବୀ ମେଢ଼ ଦେଖିବାପାଇଁ ବହୁଦୂରରୁ ଜନସମାଗମ ହୋଇଥାଏ। କିନ୍ତୁ କରୋନା ଯୋଗୁ ଚଳିତଥର ଏହି ନାଗା ମେଢ଼ର ଶୋଭାଯାତ୍ରା ବନ୍ଦ ହୋଇଛି। ମଧରାତ୍ରରୁ ବିନା ନାଗା ମେଢ଼ର ଶୋଭାଯାତ୍ରାରେ ପାଣ୍ଡବ ପାଞ୍ଚ ଭାଇଙ୍କ ସହ ଥାନାପତି ଗୋପୀନାଥ ଦେବଙ୍କୁ ମେଳଣ କୁଞ୍ଜକୁ ନିଆଯାଇଛି।



ମେଳଣ ପଡ଼ିଆରେ ସଜ୍ଜିତ ଦୋଳ ବିମାନ।

### ପିପିଲି ବଜାର ମେଳଣ ଶେଷ

**ପିପିଲି,୨।୪(ସ୍ୱ.ପ୍ର.)**

ପିପିଲି ବଜାରରେ ପଞ୍ଚଦୋଳ ମେଳନ ନିରାଡ଼ମ୍ବରେ ୨ଦିନ ଧରି ପାଳିତ ହୋଇଯାଇଛି। ଏହି ମେଳଣରେ ଆଖପାଖ ଗ୍ରାମରୁ ପ୍ରାୟ ୧୫ଟି ଦୋଳ ନିମନ୍ତ୍ରିତ ହୋଇଥିଲେ। ସାଧାରଣ ଭାବେ ଅଳ୍ପ ସଂଖ୍ୟକ ଲୋକଙ୍କ ମଧ୍ୟରେ ପିପିଲି ଶାସନ ମଠସାହି ଗ୍ରାମର ପତିତପାବନ ମନ୍ଦିରରୁ ଥାନପତିଙ୍କ ଦୋଳ ବିମାନ ଅଣାଯାଇ ମେଳଣ ପଡ଼ିଆରେ ବିଜେ କରାଯାଇଥିଲା। ପରେ ଅନ୍ୟ ଗ୍ରାମଗୁଡ଼ିକର ସୁସଜ୍ଜିତ ବିମାନଗୁଡିକ ମେଳଣ ପଡିଆରେ ପହଞ୍ଚିବା ପରେ ଭୋଗ ହାଣ୍ଡି ସମର୍ପଣ କରାଯାଇଥିଲା। ଏହି ମେଳଣରେ ସଂକୀର୍ତ୍ତନ ଓ ପାଲା ପରିବେଷଣ କରାଯାଇଥିଲା। ଏହି ମେଳଣକୁ କମିଟିର ସଭାପତି ଧନେଶ୍ୱର ମିଶ୍ର, ସମ୍ପାଦକ ରାମଚନ୍ଦ୍ର ବେହେରା, ପ୍ରବନ୍ଧକ ରବୀନ୍ଦ୍ର ଦାଶ, ଉପଦେଷ୍ଟା ରମେଶ ଶତପଥୀ, ବାମଦେବ ମିଶ୍ରଙ୍କ ସମେତ ବଜାର ମେଳଣ କମିଟିର ସଭ୍ୟମାନେ ପରିଚାଳନା କରିଥିଲେ।

# ଅଣ୍ଡରପାସ୍ ନିର୍ମାଣକୁ ବିରୋଧ

■ଫ୍ଲାଏଓଭର ଦାବି ଜୋର ଧରିଲା
■ନିର୍ମାଣ ସ୍ଥଳରେ ଖୋର୍ଦ୍ଧା ନାଗରିକ ମଞ୍ଚର ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୨।୪:** ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଭୁବନେଶ୍ୱର-ଚେନ୍ନାଇ ୧୬ନଂ. ଜାତୀୟ ରାଜପଥରେ ଚାଲିଥିବା ଅଣ୍ଡରପାସ୍ ନିର୍ମାଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଖୋର୍ଦ୍ଧା ନାଗରିକ ମଞ୍ଚ ନିର୍ମାଣ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ସହ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଖୋର୍ଦ୍ଧାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଠାରେ ଅଣ୍ଡରପାସ ନିର୍ମାଣ କରାଇ ଦିଆଯିବ ନାହିଁ ବୋଲି କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ବୋଲି ମତପ୍ରକାଶ ପାଇଛି। ଦୁର୍ଘଟଣା ରୋକିବା ଲାଗି ଏଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଫ୍ଲାଏଓଭର ବ୍ରିଜ ନିର୍ମାଣ ଲାଗି ଜିଲା ପ୍ରଶାସନ ନିକଟରେ ଦାବି ହୋଇ ଆସୁଛି।

ମିଳିଥିବା ସୂଚନା ଅନୁଯାୟୀ, ୧୬ନଂ. ଜାତୀୟ ରାଜପଥରେ ୬ଲେନ ଲାଗି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଛି। ଜିଲାପାଳଙ୍କ କାର୍ଯ୍ୟାଳୟ, ପଲ୍ଲା ଛକ ଏବଂ ତାପଙ୍ଗ ଛକରେ ଅଣ୍ଡରପାସ ନିର୍ମାଣ ଲାଗି ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ନିଷ୍ପତ୍ତି ହୋଇଛି। ଠିକା ସଂସ୍ଥା ଏଆଇପିଏଲ ଦ୍ୱାରା ରାସ୍ତା ସମ୍ପ୍ରସାରଣ



ଖୋର୍ଦ୍ଧା ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ନିର୍ମାଣ କାର୍ଯ୍ୟ କରାଯାଉଛି। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ନାଗରିକ ମଞ୍ଚର ଏକାଧିକ କର୍ମକର୍ତ୍ତା ପହଞ୍ଚି ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ଫ୍ଲାଏଓଭର ବ୍ରିଜ ନିର୍ମାଣ ପରିବର୍ତ୍ତେ କାହିଁକି ଏଠାରେ ଅଣ୍ଡରପାସ ଲାଗି ରାଜପଥ ଖୋଲାଯାଉଛି ବୋଲି କହିଥିଲେ। ଏହାକୁ ନେଇ ସଂସ୍ଥା ଏବଂ ମଞ୍ଚ କର୍ମକର୍ତ୍ତା ମୁହାଁମୁହିଁ ହୋଇଥିଲେ। ପରେ ସଂସ୍ଥା ପକ୍ଷରୁ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଥିଲା। ଜିଲା ପ୍ରଶାସନ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ତେବେ ଦୀର୍ଘ ସମୟ ଧରି ନିର୍ମାଣସ୍ଥଳରେ ବିକ୍ଷୋଭ ହୋଇଥିଲେ ମଧ୍ୟ ଘଟଣାସ୍ଥଳରେ ପୋଲିସ କିମ୍ବା ଜିଲା ପ୍ରଶାସନର କୌଣସି ଅଧିକାରୀ ପହଞ୍ଚି ନ ଥିଲେ। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମଞ୍ଚ ଆବାହକ ସଞ୍ଜୟ ପଟ୍ଟନାୟକ, ରଞ୍ଜିତ ମହାପାତ୍ର, ଶିଶିର ପରିଡା, ଅମିତ ମହାନ୍ତି, ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକ, ବିଶ୍ୱମୋହନ ସାହୁ, ସାମାଜିକ କର୍ମୀ ଶକ୍ତିଶଙ୍କର ମିଶ୍ର, ନରେନ୍ଦ୍ର ପୃଷ୍ଟିଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ। ମଞ୍ଚ ଆବାହକ ପଟ୍ଟନାୟକ କହିଛନ୍ତି, ଏଠାରେ ଅଣ୍ଡରପାସ ନିର୍ମାଣ ହେଲେ ସ୍ଥାନୀୟ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ। ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ସେହିପରି ବରିଷ୍ଠ ସାମାଜିକ କର୍ମୀ ମିଶ୍ର ଓ ପୃଷ୍ଟି କହିଛନ୍ତି, ଅନେକ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଦୁର୍ଘଟଣା ଘଟୁଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟ କାର୍ଯ୍ୟାଳୟକୁ କୌଣସି କାମରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଲୋକେ ଆସିଥାନ୍ତି। ନୟାଗଡ଼, ବଲାଙ୍ଗୀର ଯିବା ଲାଗି ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ଦୈନିକ ଶତାଧିକ ଟ୍ରକ୍ ଯାତାୟାତ କରିଥାଏ। ଫଳରେ ଏଠାରେ ଅଣ୍ଡରପାସ ନିର୍ମାଣ ହେଲେ ଯାତାୟାତ ବାଧାପ୍ରାପ୍ତ ହେବ। ଅନ୍ୟପଟେ ଏ ସମ୍ପର୍କରେ ଏଆଇପିଏଲ ଲିଆଇସନିଂ ଅଫିସର ଏମ୍.କେ. ସାମଲ କହିଛନ୍ତି, ଏନ୍‌ଏଚ୍‌ଆଇର ନିର୍ଦ୍ଦେଶକ୍ରମେ ଏହି ନିର୍ମାଣ କାର୍ଯ୍ୟ କରାଯାଉଛି। ଶୁକ୍ରବାର କାମ ଚାଲିଥିବା ବେଳେ କେତେଜଣ ସ୍ଥାନୀୟ ଯୁବକ କାମ ବନ୍ଦ କରିଥିଲେ। ଏନେଇ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ।

## ସଂକ୍ଷେପରେ

### ଲହଡ଼ି ମାଡ଼ରେ ପର୍ଯ୍ୟଟକଙ୍କ ଗୋଡ଼ ଭାଙ୍ଗିଲା

ପୁରୀ ଅଫିସ, ୨।୪: ସମୁଦ୍ରରେ ସ୍ନାନ ବେଳେ ଲହଡ଼ି ମାଡ଼ରେ ଜଣେ ମହିଳା ପର୍ଯ୍ୟଟକ ଆହତ ହୋଇଛନ୍ତି। ତାଙ୍କ ବାମଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ବାଙ୍କୁରା ଜିଲାର ସରସ୍ୱତୀ କର୍ମକାର ତାଙ୍କ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ଶୁକ୍ରବାର ସମୁଦ୍ରରେ ଗାଧୋଇବା ପାଇଁ ସରସ୍ୱତୀ ନିଜ ପରିବାର ସହ ହୋଟେଲ ଦୀପ୍ ରିସର୍ଟ ସମ୍ମୁଖ ବେଳାଭୂମିକୁ ଯାଇଥିଲେ। ସେ ସମୁଦ୍ରରେ ଗାଧୋଉଥିବାବେଳେ ଉଚ୍ଚ ଲହଡ଼ି ମାଡ଼ରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇ ଆଉ ଉଠିପାରି ନ ଥିଲେ। ସେଠାରେ ମୁତୟନ ଥିବା ଲାଇଫଗାର୍ଡ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ଉତ୍କଳ ସେବା ଅନୁଷ୍ଠାନର ପ୍ରତିଷ୍ଠା ଦିବସ

**ଝାଁଳା,୨।୪(ଡି.ଏନ୍.ଏ.):** ଓଗାଳପଡ଼ା ସ୍ଥିତ ଉତ୍କଳ ସେବା ଅନୁଷ୍ଠାନର ୩୭ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ବସନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖପତ୍ର 'ଉଷା' ଉନ୍ମୋଚନ କରିଥିଲେ। ମୁଖ୍ୟ ବକ୍ତାଭାବେ ଲେଖକ ଚୌଧୁରୀ ବିଷ୍ଣୁ ପ୍ରଶାଦ ନନ୍ଦ ଯୋଗଦେଇ ପୁସ୍ତକ ବିଶ୍ୱର ବିସ୍ମୟ ମଧୁସୂଦନ ଦାସ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ଅମ୍ବରୀଶ ମଙ୍ଗରାଜ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସତ୍ୟପ୍ରିୟ ରଥ ଏବଂ ପ୍ରସନ୍ନ ମହାପାତ୍ରଙ୍କୁ 'ଉଷା-୨୦୨୧' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ କାମିନୀକାନ୍ତ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଶୋକ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

### ୬୬ୟୁନିଟ୍ ରକ୍ତ ସଂଗ୍ରହ

**ଜଟଣୀ,୨।୪(ଡି.ଏନ୍.ଏ.):** ଓଡ଼ିଶା ଦିବସ ଅବସରରେ ଗୁରୁବାର ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ହରିହର କ୍ଲବ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାବା ସୋମନାଥ ଏଜୁକେଶନାଲ ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ଆୟୋଜିତ ଶିବିରକୁ ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ୍ ୬୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ସୁଦୀପ୍ତ ରାୟ, ଅନନ୍ତ ବେହେରା, ଉମାକାନ୍ତ ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସୁରକ୍ଷା ମଞ୍ଚ ଜଟଣୀର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

**ଟାଙ୍ଗୀ(ଖୋର୍ଦ୍ଧା),୨।୪(ଡି.ଏନ୍.ଏ.):** ଭଜାଗଡ଼ସ୍ଥିତ ମା' ବୁଢ଼ୀତାରାଙ୍କ ମନ୍ଦିର ପରିସରରେ ମଙ୍ଗଳାଯୋଡ଼ି ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାବତୀ ବିଶ୍ୱାଳ ଓ ରାଉଳସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ସଲିଳ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସହ ଶିକ୍ଷା ଅଧିକାରୀ ଦେବଦତ୍ତ ମହାପାତ୍ର ମୁଖ୍ୟ ଅତିଥି, ଶିକ୍ଷକ ନେତା ଗୋପାଳ କିଶୋର ସେନ ମୁଖ୍ୟ ବକ୍ତା, ସନ୍ତୋଷ ବେହେରା, ପ୍ରସନ୍ନ ମଙ୍ଗରାଜ, ପ୍ରସନ୍ନ ଶ୍ରୀଚନ୍ଦନ, ସୁରେଶ ଚନ୍ଦ୍ର ତ୍ରିପାଠୀ, ପ୍ରିୟମ୍ବଦା ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମାଧବ ମହାରଣା ସ୍ୱାଗତ ସଙ୍ଗୀତ ଓ କୁନ୍ତଳା ସାହୁ ବିଦାୟ ସଙ୍ଗୀତ ଗାନ କରିଥିଲେ। ନୀଳାଦ୍ରି ସିଂହ ଧନ୍ୟବାଦ ଦେଇଥିଲେ।

### ସାଇକେଲ ଚୋରି କରି ଯୁବକ ଗିରଫ

ପୁରୀ ଅଫିସ, ୨।୪: ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସାଇକେଲ ଚୋରି କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମାର୍କଣ୍ଡେଶ୍ୱର ସାହିର ସୁକାନ୍ତ ଦାସ। ବୁଧବାର ମେଡିକାଲର ଜଣେ ମହିଳା କର୍ମଚାରୀଙ୍କ ସାଇକେଲ ଚୋରି ହୋଇଥିବା ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ନିକଟରେ ଥିବା ସିସି ଟିଭି କ୍ୟାମେରା ଯାଞ୍ଚ କରି ସୁକାନ୍ତଙ୍କ ସନ୍ଧାନ ପାଇଥିଲା। ଗୁରୁବାର ସୁକାନ୍ତ ମିଛରେ ବାହାନା କରି ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ଲାଗି ଆସିଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା।

# ଶ୍ରୀକପିଳେଶ୍ୱର ଦେବଙ୍କ ରଥଯାତ୍ରା ପାଇଁ କାଠ ଅନୁକୂଳ

**ନିରାକାରପୁର,୨।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ଶୁକ୍ରବାର ରଥ ଖଳାରେ ମଧୁବନ ଗ୍ରାମର ବିଶ୍ୱକର୍ମାମାନେ ରଥ କାଠ ଅନୁକୂଳ କରିଛନ୍ତି। ଆସନ୍ତା ୨୦ତାରିଖରେ ଅଶୋକାଷ୍ଟମୀ ତଥା ବିଜୟା ରଥ ଯାତ୍ରା ଅନୁଷ୍ଠିତ ହେବ। କରୋନା କଟକଣା ମଧ୍ୟରେ ଏହି ରଥ କାର୍ଯ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। କପିଳେଶ୍ୱର ଦେବଙ୍କ ସହିତ ବଡ଼ଭାଇ ସ୍ଥାନୀୟ ଆରେଡ଼ି ଗ୍ରାମର ଗ୍ରାମେଶ୍ୱର ଦେବ ଏବଂ ମା' ପାର୍ବତୀ ଏହି ଯାତ୍ରାରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯିବ। ପୁରୀ ଶ୍ରୀଜଗନ୍ନାଥଙ୍କ ନିକଟରୁ ପତନି, ପାଉଣା ଓ ଚନ୍ଦନ କାଠ ଆସିବା ପରେ ଏହି ରଥ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୨୦ତାରିଖରୁ ଆରମ୍ଭ ହୋଇ ୨୪ତାରିଖରେ ଶେଷ ହେବ। ଏହି ରଥର ବିଶେଷତ୍ୱ ହେଉଛି, ଏହା ଗହିର ବିଲ ମଧ୍ୟରେ ନିଶାର୍ଦ୍ଧ ରାତିରେ ଡିଆ,


ବିଶ୍ୱକର୍ମାମାନେ ରଥ କାଠ ଅନୁକୂଳ କରୁଛନ୍ତି।

ଭଙ୍ଗସାହି, ଭୋଇସାହି, ଲୋଲସାହି ସମେତ ଆଖପାଖ ଅଞ୍ଚଳର ଭକ୍ତଙ୍କ ଦ୍ୱାରା ରଥ ଟଣା କାର୍ଯ୍ୟ ହୋଇଥାଏ ବୋଲି କମିଟି ସଦସ୍ୟ କିଶୋର କୁମାର ଦାସ, ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ପ୍ରମୁଖ କହିଛନ୍ତି।

# 'ହୃଦୟର ଗପ' ପୁସ୍ତକ ଉନ୍ମୋଚିତ

**ଜଟଣୀ,୨।୪(ଡି.ଏନ୍.ଏ.):** ପବିତ୍ର ଗୁଡ୍‌ଫ୍ରାଇଡେ ଅବସରରେ ସୂର୍ଯ୍ୟ ମହାନ୍ତିଙ୍କ ସମ୍ପାଦିତ ପୁସ୍ତକ 'ହୃଦୟର ଗପ' ଶୁକ୍ରବାର ସକାଳେ ଜଟଣୀ ଷ୍ଟେଟ ବ୍ୟାଙ୍କ ନିକଟ ଚା'ଖଟିରେ ଉନ୍ମୋଚିତ ହୋଇଯାଇଛି। ବିଜେଡି ନେତା ବିଜୟ ଛୋଟରାୟ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ପ୍ରବୀଣ ଛୋଟରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ମୃଣାଳ ଚାର୍ଟାଜୀଙ୍କ ଆତ୍ମା ନିଖୋଜ, ରମେଶ ମଙ୍ଗରାଜଙ୍କ ଅପେକ୍ଷାରେ ସୂର୍ଯ୍ୟକାନ୍ତ, ସୂର୍ଯ୍ୟ ମହାନ୍ତିଙ୍କ ମାଘ, ରାମ ଶଙ୍କରଙ୍କ ହୃଦୟର ଠିକଣା, ସୁନୀଲ ବୋଷଙ୍କ ଟୁଉକୁ ମୂଷୀ, ଆଶିଷ ରାଏଙ୍କ ମୁଁ ବି ସେମିତି ନୁହେଁ, ରୁଦ୍ର ରଞ୍ଜନଙ୍କ କୋ ଫର କୋଟିଆ, ଡ. ମମତା ପ୍ରିୟଦର୍ଶିନୀ ସାହୁଙ୍କ ଛାଇ, ଚିତ୍ତରଞ୍ଜନ ସାହୁଙ୍କ ନିର୍ବାଚନ, ପ୍ରଦୀପ ନାୟକଙ୍କ ଇଜ୍ଜତ, ଅଧ୍ୟାପକ ଆଶୁତୋଷ ମିଶ୍ରଙ୍କ ଛଞ୍ଚାଣ, ମାନସୀ ଦାସଙ୍କ ଦରିଦ୍ର ଧନୀ, ବିପିନ ବିହାରୀ ରାଉତଙ୍କ ଭିକାରୀ, ପ୍ରିତି ମହାନ୍ତିଙ୍କ ନପୁଂସକ, ଅଧ୍ୟାପକ ପ୍ରେମାନନ୍ଦ ମହାରଣାଙ୍କ ଆସ୍ଥା, ମନୋଜ ଦଳବେହେରାଙ୍କ ଭାଗ, ସୁମିତା ବେହେରାଙ୍କ ଚୁମା, ରଶ୍ମିକାନ୍ତ ସେନାପତିଙ୍କ ସାରାଂଶ, ଗିଟୁ ଦାସଙ୍କ କୃଷ୍ଣଚୂଡାର ଦିନ, ଶିବ ମିଶ୍ରଙ୍କ ନଜର ଅଟକ ଏବଂ ରବୀନ୍ଦ୍ରନାଥ ମହାକୁଡଙ୍କ କଳଙ୍କିତ ଅଧ୍ୟାୟ ସମ୍ବଳିତ ଗଳ୍ପକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ପଦାରବିନ୍ଦ ସାହୁ, ଅମରେଶ ରାଉତରାୟ, ସୁଶାନ୍ତ ରାଉତ, ତ୍ରିନାଥ ସାମନ୍ତରାୟ, ତିରୁପତି ଶତପଥୀ, ବିକାଶ ଚନ୍ଦ୍ର ସାହୁ, ଯଦୁମଣି ବେହେରା, ପ୍ରଶାନ୍ତ ମହାପାତ୍ର, ଦିଲୀପ ରଥ, ଗୋବିନ୍ଦ ଚନ୍ଦ୍ର ବାରିକ, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ରବୀନ୍ଦ୍ରନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୨୦୫ ନିୟୁତ ଟନ୍ ପଣ୍ୟ ପରିବହନ କରି ନଂ.୧

**ସମସ୍ତ ରେକର୍ଡ ଭାଙ୍ଗିଲା ପୂର୍ବତଟ ରେଳପଥ**

**ଭୁବନେଶ୍ୱର, ୨।୪ (ବ୍ୟୁରୋ)** ପୂର୍ବତଟ ରେଳପଥ ୨୦୨୦-୨୧ ଆର୍ଥିକ ବର୍ଷରେ ପଣ୍ୟ ପରିବହନ କ୍ଷେତ୍ରରେ ସମସ୍ତ ରେକର୍ଡ ଭଙ୍ଗ କରିଛି। ସର୍ବାଧିକ ୨୦୫ ନିୟୁତ ଟନ୍ ପଣ୍ୟ ପରିବହନ କରିବାରେ ସକ୍ଷମ ହୋଇଛି। ୨୦୦୨-୦୩ରେ ଅବିଭକ୍ତ ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା କରାଯାଇଥିବା ସର୍ବାଧିକ ପଣ୍ୟ ବୋଝେଇର ପୂର୍ବ ରେକର୍ଡ ୨୦୨.୫୬ ନିୟୁତ ଟନ୍‌କୁ ଅତିକ୍ରମ କରି ରେକର୍ଡ ସୃଷ୍ଟି କରିଛି। ପୂର୍ବତଟ ରେଳପଥ କ୍ରମାଗତ ଦ୍ୱିତୀୟଥର ପାଇଁ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇର ମାଇଲଖୁଣ୍ଟ ଅତିକ୍ରମ କରିବାରେ ପ୍ରଥମ ଜୋନ୍ ହୋଇପାରିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦.୯୫ ନିୟୁତ ଟନ ପଣ୍ୟ ପରିବହନର ନିଜ ରେକର୍ଡକୁ ଭଙ୍ଗ କରିଛି। ରେଲ୍‌ୱେ ବୋର୍ଡ ଦ୍ୱାରା ପଣ୍ୟ ପରିବହନ ଲକ୍ଷ୍ୟ ଧାର୍ଯ୍ୟ ୨୦୩.୦୨ ନିୟୁତ ଟନ୍‌କୁ ପୂର୍ବତଟ ରେଳପଥ ସହଜରେ ଅତିକ୍ରମ କରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୨୭.୦୨ ନିୟୁତ ଟନ୍‌ର ଲକ୍ଷ୍ୟ ଧାର୍ଯ୍ୟକୁ ଅତିକ୍ରମ କରି ୧୩୧.୩୭ ନିୟୁତ ଟନ୍ ପଣ୍ୟ ପରିବହନ କରିଛି। ପଣ୍ୟ ପରିବହନ ଓ ବୋଝେଇରେ ଖୋର୍ଦ୍ଧା ରୋଡ୍ ଓ ୱାଲ୍‌ଟିୟର ରେଳମଣ୍ଡଳ ଭାରତୀୟ ରେଳପଥର ସମସ୍ତ ୬୪ ରେଳମଣ୍ଡଳ ମଧ୍ୟରେ ଯଥାକ୍ରମେ ୪ର୍ଥ ଓ ୬ଷ୍ଠ ସ୍ଥାନ ହାସଲ କରିଛନ୍ତି। ଏହି ଆର୍ଥିକ ବର୍ଷରେ ୧୨.୩୭ ନିୟୁତ ଟନ ପଣ୍ୟ ପରିବହନ କରି ସମ୍ବଲପୁର ରେଳମଣ୍ଡଳ ଏହାର ପୂର୍ବ ଶ୍ରେଷ୍ଠ ପଣ୍ୟ ବୋଝେଇ ୧୧.୪୮ ନିୟୁତ ଟନ୍‌କୁ ଅତିକ୍ରମ କରି ପରିବହନରେ ଉନ୍ନତି କରିଛି। ତେବେ ଗତ ମାର୍ଚ୍ଚ ୩୧ରେ ସର୍ବାଧିକ ୨୮୨ ରେକ ପଣ୍ୟ ବୋଝେଇ କରି ଏକ ବିରଳ ରେକର୍ଡ ସୃଷ୍ଟି କରିଛି। ଏହି ସମୟ ମଧ୍ୟରେ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ୧୮୬.୫୧ନିୟୁତ ଟନ୍ ଏବଂ ଦକ୍ଷିଣ ପୂର୍ବ ରେଳପଥ ୧୭୫.୭୯ ନିୟୁତ ଟନ୍ ପଣ୍ୟ ପରିବହନ କରି ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସର୍ବାଧିକ ପଣ୍ୟ ବୋଝେଇ ଜୋନାଲ ରେଳପଥ ହୋଇପାରିଛି।

# ୭୦ ବର୍ଷ ପରେ ୧୫ ଗାଁର ଠାକୁର ଏକାଠି

**ହରିବୋଲ, ସଂକୀର୍ତ୍ତନରେ କମ୍ପିଲା ପରିବେଶ**

**ଖୋର୍ଦ୍ଧା ଅଫିସ,୨।୪:** ଦୀର୍ଘ ୭୦ବର୍ଷ ପରେ ଏକାଠି ହୋଇଛନ୍ତି ୧୫ଟି ଗାଁର ଠାକୁର। ୨୧ଟି ଦୋଳବିମାନରେ ବସି ଠାକୁରମାନେ ମେଳଣ ପଡ଼ିଆକୁ ଆସିଥିଲେ। ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଭକ୍ତ-ଭଗବାନଙ୍କର ପୁଣି ମିଳନ ଘଟିଲା। କୌଣସି କାରଣରୁ ବନ୍ଦ ହୋଇଯାଇଥିବା ଐତିହାସିକ 'ଫୁଲ ମେଳଣ' ଚଳିତ ବର୍ଷଠାରୁ ପୁଣି ଆରମ୍ଭ ହୋଇଛି। କୋଭିଡ୍ କଟକଣା ମାନି ଠାକୁରଙ୍କ ପୂଜାର୍ଚ୍ଚନା, ରୀତିନୀତି ଓ ସଂକୀର୍ତ୍ତନ ଆଦି ହୋଇଥିଲା। ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ଉପରବସ୍ତ୍ର ଭୀମପୁର ଗ୍ରାମରେ ଦୋଳପୂର୍ଣ୍ଣିମାଠାରୁ ୩ଦିନ ଧରି ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଗ୍ରାମବାସୀ ମିଶି ଦୋଳ ଉତ୍ସବ ପାଳନ କରିବା ସହ ପରସ୍ପର ମଧ୍ୟରେ ଫଗୁ ଖେଳିଥିଲେ।

ବାରପଲ୍ଲୀ ମୌଜାର ଗଙ୍ଗପଡ଼ା,



ପିତାପଲ୍ଲୀ, ବଡ଼ତୋଟା, ବେଲପଡ଼ା, ଖୁଦୁପୁର, କୁମାର ଖାଡିଆ, ବାଛେରା, ଷଣ୍ଢପୁର ଆଦି ୧୫ଟି ଗ୍ରାମର ଠାକୁର ସୁସଜ୍ଜିତ ବିମାନରେ ବିଜେ ହୋଇ ମେଳଣ ପଡ଼ିଆରେ ବିରାଜିତ ହୋଇଥିଲେ। ପ୍ରଥମେ ଥାନପତି ଶ୍ରୀକେଦାରଶ୍ୱର ଦେବ ବିଜେ କରିଥିଲେ। ଦୀର୍ଘ ଦିନ ପରେ ଫୁଲ ମେଳଣ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ସେମାନେ ଠାକୁରଙ୍କ ନିକଟରେ ନୈବେଦ୍ୟ ଅର୍ପଣ କରିଥିଲେ। ଦୋଳ ମେଳଣ କମିଟି ସଭାପତି ଦିବାକର ମଙ୍ଗରାଜ କହିଛନ୍ତି, କୌଣସି କାରଣବଶତଃ ଗ୍ରାମବାସୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ଏହା ବନ୍ଦ ହୋଇଯାଇଥିଲା। ଚଳିତ ବର୍ଷ ଏହି ବିବାଦର ଅନ୍ତ ଘଟିଛି। ଗ୍ରାମବାସୀ ପୁନର୍ବାର ଏକାଠି ହୋଇଥିଲେ। ଆଗାମୀ ଦିନରେ ଏହାକୁ ଜୋରଦାର ଆୟୋଜନ କରାଯିବ। ଦୋଳ କମିଟି ସଦସ୍ୟ ପ୍ରକାଶ ଗିରି ଓ କୃଷ୍ଣଚନ୍ଦ୍ର ଦାସ କହିଛନ୍ତି, ଭାଇଚାରାର ବାର୍ତ୍ତା ଦେଉଥିବା ଏହି ମେଳଣ ପ୍ରତି ଯୁବପିଢିଙ୍କର ବିଶେଷ ଆଗ୍ରହ ଦେଖିବାକୁ ମିଳିଛି।

ଜନଶ୍ରୁତି ଅନୁଯାୟୀ, ଏହି ମେଳଣ ପଡ଼ିଆ ନିକଟରେ ଏକ ବିରାଟ ବରଗଛ ରହିଛି। ଥରେ ବାତ୍ୟାରେ ଗଛଟି ଉପୁଡ଼ିଯାଇଥିଲା। ଗଛ ତଳେ ୨ଜଣ ନାବାଳିକା ରହିଯାଇଥିଲେ। ଗ୍ରାମବାସୀ ଶ୍ରୀକେଦାରଶ୍ୱରଙ୍କ ନାମ ସ୍ମରଣ କରି ଗଛକୁ କାଟି ନାବାଳିକା ଦ୍ୱୟଙ୍କୁ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ବରଗଛ କାୟା ବିସ୍ତାର କରିଥିଲା। ସେବେଠାରୁ ଏଠାରେ ଠାକୁରାଣୀ ପୂଜା ପାଉଥିଲେ। ଭୀମପୁର ଓ ଉପରବସ୍ତ୍ର ଗ୍ରାମବାସୀ ମିଶି ଫୁଲ ମେଳଣ ଆୟୋଜନ କରିଥିଲେ। ତେବେ ପରେ ତାହା ବନ୍ଦ ହୋଇଯାଇଥିଲା। ୭୦ବର୍ଷ ପରେ ଏବେ ପୁଣି ଆରମ୍ଭ ହୋଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୁସ୍ମିତା


@ ଶିବପ୍ରସାଦ


@ ସୂର୍ଯ୍ୟକାନ୍ତ


@ ଦୀପକ


@ ରାଜେଶ


@ ଅନୁରାଗ


@ ସମ୍ବିତ୍

# ରାସ୍ତା ସମ୍ପ୍ରସାରଣ, ମରାମତି ଦାବିରେ ଧାରଣା

**ପୁରୁଣା ଭୁବନେଶ୍ୱର,୨।୪(ଡି.ଏନ୍.ଏ.):** ସୁନ୍ଦରପଦା-ଜଟଣୀ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ସହ ମରାମତି ଏବଂ ଟ୍ରାଫିକ ନିୟନ୍ତ୍ରଣ ଦାବିରେ ଶୁକ୍ରବାର ଏକାମ୍ର ଜଟଣୀ ଭାଜପା ପକ୍ଷରୁ ମିଳିତଭାବେ ଧାରଣା ଦିଆଯାଇଥିଲା। ସୁନ୍ଦରପଦା-ଜଟଣୀକୁ ୧୫ମିନିଟର ରାସ୍ତା ହୋଇଥିବା ବେଳେ ୧ଘଣ୍ଟା ଲାଗୁଛି। ଏଥିପ୍ରତି ସରକାର ଧ୍ୟାନ ଦେବାକୁ ଦାବି ହୋଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଭୁବନେଶ୍ୱର ଭାଜପା ଜିଲା ସଭାପତି ବାବୁ ସିଂ କହିଛନ୍ତି। ଏହି ଧାରଣାରେ ଜଟଣୀ ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ମନୋଜ କିଶୋର ନନ୍ଦ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଜଗନ୍ନାଥ ବେହେରା, ଦାମୋଦର ବେହେରା, ଅମରଜ୍ୟୋତି ଜଗଦ୍ଦେବ, ଫିରୋଜ ଖାନ, ସୁନୀଲ ପ୍ରଧାନ, ମନୋଜ ପଶ୍ଚିମକବାଟ, ରଶ୍ମିରଞ୍ଜନ ମହାପାତ୍ର, ସୁଜିତ ସାହୁ, ତୃପ୍ତିମୟୀ ମକଦ୍ଦମ, ସବିତା ପଟ୍ଟନାୟକ, ବନ୍ଦନା କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା ପକ୍ଷରୁ ଧାରଣା ଦିଆଯାଇଛି ।